بِسۡمِ اللّٰہِ الرَّحۡمٰنِ الرَّحِیۡمِ     نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ     وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡد

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ 1

ସଂଖ୍ୟା 5

ବାର୍ଷିକ ଦେୟ: ୩୦୦/-

ସାପ୍ତାହିକ

# ବଦର

The Weekly BADAR Qadian ODIA

କାଦିଆନ

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ: ଫଜଲ୍ ହକ୍ ଖାନ୍

www.akhbarbadrqadian.in

ଗୁରୁବାର 07 ଅପ୍ରେଲ 2016     28 ଜମାଦି ସାନି 1437 ହି.ଶ 07 ଶାହାଦତ୍ 1395 ହି.କ


## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପନ୍‌ଚମ[ଅ.ବ]କୁଶଳ ଓ ମଙ୍ଗଳରେ ଅଛନ୍ତି ।

(ଅଲ୍‌ହମ୍‌ଦୋଲିଲ୍ଲାଃ)

ହୁଜୁର ଅନଓ୍ୱର[ଅ.ବ]ଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହଜୁର[ଅ.ବ]ଙ୍କୁ ପ୍ରତ୍ୟେକ ମୁହୂର୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦ୍ଦୁସ୍ ଓ୍ୱ ବାରିକ୍‌ଲନା ଫି ଉମ୍‌ରିହି ଓ୍ୱ ଅମ୍‌ରିହି ॥

**ସହସ୍ରାଧିକ ଲୋକମାନେ ମୋର ଏଥି ପାଇଁ ବଏତ କରିଛନ୍ତି କି ସ୍ୱପ୍ନ ଦ୍ୱାରା ସେମାନଙ୍କୁ ଜଣାଇ ଦିଆଗଲା ଯେ ଇଏ (ହଜରତ ମସିହ ମଉଦ)ଯେକି ସତ୍ୟନିଷ୍ଠ ଏବଂ ଅଲ୍ଲାଃଙ୍କ ତରଫରୁ ଅଟନ୍ତି । କେତେକ ତ ଏଥି ପାଇଁ ବଏତ କରିଛନ୍ତି କି ସେମାନେ ହଜରତ ମୁହମ୍ମଦ[ସ.ଅ]ଙ୍କୁ ସ୍ୱପ୍ନରେ ଦେଖିଲେ ଏବଂ ଆପଣ କହିଲେ କି ସଂସାର ସମାପ୍ତ ହେବାକୁ ବସିଛି ଏବଂ ଇଏ ଅଲ୍ଲାଃଙ୍କ ଅନ୍ତିମ ଖଲିଫା ଓ ମସିହ ମଉଦ ଅଟନ୍ତି । କେତେକ ମହାନ ବ୍ୟକ୍ତିମାନେ ମୋ ଜନ୍ମ ହେବା ବା ସାବାଳକ ହେବା ପୂର୍ବରୁ ମୋ ନାମ ନେଇ ମୁଁ ମସିହ ମଉଦ ହେବାର ସୁସମ୍ବାଦ ଦେଇଥିଲେ । ଯେପରି ନେମତୁଲ୍ଲାଃ ଓ୍ୱଲି ଏବଂ ଜିଲ୍ଲା ଲୁଧିଆନାର ଜମାଲପୁର ନିବାସୀ ମିଆଁ ଗୁଲାବ ଶାହ ।**

## ହଜରତ ମସିହ ମଉଦ[ଅ.ସ]ଙ୍କ ନୀତି ବାଣୀ

ଏବେ ମୁଁ କୁରଆନୀ ଆୟତ ଅନୁଯାୟୀ ‘‘ଓ୍ୱ ଅମ୍ମା ବିନିମତି ରବ୍‌ବିକା ଫହଦ୍ଦିସ୍’’ନିଜ ସମ୍ବନ୍ଧରେ ବର୍ଣ୍ଣନା କରୁଛି । ଅଲ୍ଲାଃତାଲା ମୋତେ ସେହି ତୃତୀୟ ଶ୍ରେଣୀରେ ଅନ୍ତର୍ଭୁକ୍ତ କରି ସେହି ଅନୁଗ୍ରହ ପ୍ରଦାନ କରିଛନ୍ତି ଯେ ଯାହା ମୋ ଚେଷ୍ଟା ଦ୍ୱାରା ନୁହେଁ ବରଂ ମାତୃ ଗର୍ଭରେ ହିଁ ମୋତେ ପ୍ରଦାନ କରା ଯାଇଛି । ମୋ ସମର୍ଥନରେ ସେ ସେହି ନିଦର୍ଶନ ପ୍ରକଟ କରିଛନ୍ତି ଯେ ଆଜି ତାରିଖରୁ ଯାହା ୧୬ ଜୁଲାଇ ୧୯୦୬ ଅଟେ । ଯଦି ମୁଁ ସେଗୁଡ଼ିକୁ ଗୋଟି ଗୋଟି କରି ଗଣନା କରିବି ତେବେ ମୁଁ ଅଲ୍ଲାଃଙ୍କ ରାଣଖାଇ କହିବି କି ସେଗୁଡ଼ିକ ତିନି ଲକ୍ଷରୁ ବି ଉର୍ଦ୍ଧ୍ୱ ହେବ । ଯଦି କେହି ମୋ ରାଣ ଖାଇବାରେ ବିଶ୍ୱାସ କରେ ନାହିଁ ତେବେ ମୁଁ ତାକୁ ପ୍ରମାଣ ଦେଖାଇବି । କେତେକ ନିଦର୍ଶନ ଏପରି ଅଟେ ଯେ ଯେଉଁଥିରେ ଅଲ୍ଲାଃ ପ୍ରତ୍ୟେକ କ୍ଷେତ୍ରରେ ନିଜ ପ୍ରତିଶ୍ରୁତି ଅନୁଯାୟୀ ମୋତେ ଶତ୍ରୁଙ୍କ କବଳରୁ ରକ୍ଷା କଲେ । ଏବଂ ଅନ୍ୟ କେତେକ ନିଦର୍ଶନ ଏପରି ବି ଅଟେ କି ଯେଉଁ ଥିରେ ପ୍ରତ୍ୟେକ କ୍ଷେତ୍ରରେ ସେ ତାର ପ୍ରତିଶ୍ରୁତି ଅନୁଯାୟୀ ମୋର ଆବଶ୍ୟକତା ପୂରଣ କଲେ । ଏବଂ ଅନ୍ୟ କେତେକ ନିଦର୍ଶନ ଏପରି ଅଟେ ଯେ ସେ ନିଜ ପ୍ରତିଶ୍ରୁତି ଇନ୍ନି ମୋହିନୁନ୍ ମନ୍ ଅରାଦା ଇହାନତକା’’ ଅନୁଯାୟୀ ମୋ ଉପରେ ଆକ୍ରମଣକାରୀଙ୍କୁ ଅସମ୍ମାନୀତ ଓ ତଳିତଳାନ୍ତ କରିଥିଲେ । ଏବଂ କେତେକ ନିଦର୍ଶନ ଏପରି ଅଟେ ଯେଉଁମାନେ ମୋ ବିରୁଦ୍ଧରେ ମକଦ୍ଦମା ଚଳାଇବାବାଲାଙ୍କ ଉପରେ ଅଲ୍ଲାଃ ନିଜ ଭବିଷ୍ୟତବାଣୀ ଅନୁଯାୟୀ ମୋତେ ବିଜୟ କଲେ । ଏବଂ କେତେକ ନିଦର୍ଶନ ଏପରି ଅଟେ ଯାହା ମୋ ଆବିର୍ଭାବ ହେବା ସମୟ ବିଷୟରେ ହୋଇଥାଏ କାରଣ ଯେବେ ଠାରୁ ସଂସାର ସୃଷ୍ଟି ହୋଇଛି ଏପରି ଦୀର୍ଘ ସମୟ କୌଣସି ମିଥ୍ୟାବାଦୀକୁ ଦିଆଯାଇ ନାହିଁ । ଏବଂ କେତେକ ନିଦର୍ଶନ ଯୁଗର ଅବସ୍ଥାକୁ ଦେଖି ହୋଇଥାଏ । ଅର୍ଥାତ୍ ଉକ୍ତ ଯୁଗ, କୌଣସି ଯୁଗ ପ୍ରବର୍ତକ ଆବିର୍ଭାବ ହେବାର ଆବଶ୍ୟକତାକୁ ଚାହିଁଥାଏ । କେତେକ ନିଦର୍ଶନ ଏପରି ବି ହୋଇଥାଏ ଯେଉଁଥିରେ ବନ୍ଧୁମାନଙ୍କ ପକ୍ଷରେ ମୋ ପ୍ରାର୍ଥନା ଗ୍ରହଣୀୟ ହୋଇଛି । ଏବଂ କେତେକ ନିଦର୍ଶନମାନ ଏପରି ଅଟେ ଯାହା ଖଳ ଶତ୍ରୁମାନଙ୍କ ପକ୍ଷେ ମୋ ଅଭିଶାପର ପ୍ରଭାବ ପଡ଼ିଥିଲା । କେତେକ ନିଦର୍ଶନ ଏପରି ଅଟେ ଯେ ମୋ ପ୍ରାର୍ଥନା ବଳରୁ କେତେକ ବିପଦଜନକ ରୋଗବ୍ୟାଧିରୁ ଆରୋଗ୍ୟ ପାଇଲେ । ଏବଂ ସେମାନଙ୍କ ଆରୋଗ୍ୟ ହେବା ପୂର୍ବରୁ ତାର ସୁସମ୍ବାଦ ଦିଆଯାଇଥିଲା । କେତେକ ନିଦର୍ଶନ ଏପରି ଅଟେ ଯାହା ମୋ ସତ୍ୟତାର ପ୍ରମାଣ ନିମନ୍ତେ ସାଧାରଣ ଭାବେ ଅଲ୍ଲାଃ ପୃଥିବୀରେ ବା ଆକାଶରେ ବିପର୍ଯ୍ୟୟ ପ୍ରକଟ କଲେ । କେତେକ ନିଦର୍ଶନ ଏପରି ବି ଅଟେ ଯାହା ମୋ ସତ୍ୟତା ନିମନ୍ତେ ବଡ଼ ବଡ଼ ମହାନ ବ୍ୟକ୍ତିଙ୍କୁ ଯେକି ବିଦ୍ୱାନ ଓ ପଣ୍ଡିତମାନଙ୍କ ମଧ୍ୟରେ ପରିଗଣିତ ଥିଲେ । ସେମାନଙ୍କୁ ସ୍ୱପ୍ନ ଆସିଲା ଏବଂ ହଜରତ ମୁହମ୍ମଦ[ସ.ଅ]ଙ୍କୁ ସ୍ୱପ୍ନରେ ଦେଖିଲେ । ଯେପରି ସିନ୍ଧର ସଜଜାଦା ନଶିନ୍(ପୀର)ଧ୍ୱଜଧାରୀ ଯାହାଙ୍କର ପ୍ରାୟ ଏକ ଲକ୍ଷ ଶିଷ୍ୟ ଥିଲେ । ଯେପରି ଖ୍ୱାଜା ଗୁଲାମ ଫରିଦ ସାହେବ ଚାଚଡ଼ା ନିବାସୀ । କେତେକ ନିଦର୍ଶନ ଏପରି ଅଟେ ଯେ ସହସ୍ରାଧିକ ଲୋକମାନେ ମୋର ଏଥି ଯୋଗୁଁ ବଏତ କରିଛନ୍ତି କି ସ୍ୱପ୍ନ ଦ୍ୱାରା ସେମାନଙ୍କୁ ଜଣାଇ ଦିଆଗଲା ଯେ ଇଏ (ହଜରତ ମସିହ ମଉଦ)ଯେକି ସତ୍ୟନିଷ୍ଠ ଏବଂ ଅଲ୍ଲାଃଙ୍କ ତାଫରୁ ଅଟନ୍ତି । କେତେକ ତ ଏଥି ଯୋଗୁଁ ବଏତ କରିଛନ୍ତି କି ସେମାନେ ହଜରତ ମୁହମ୍ମଦ[ସ.ଅ]ଙ୍କୁ ସ୍ୱପ୍ନରେ ଦେଖିଲେ ଏବଂ ଆପଣ କହିଲେ କି ସଂସାର ସମାପ୍ତ ହେବାକୁ ଅଛି ଏବଂ ଇଏ ଅଲ୍ଲାଃଙ୍କ ଅନ୍ତିମ ଖଲିଫା ଓ ମସିହ ମଉଦ ଅଟନ୍ତି । କେତେମ ମହାନ ବ୍ୟକ୍ତିମାନେ ମୋ ଜନ୍ମ ହେବା ବା ସାବାଳକ ହେବା ପୂର୍ବରୁ ମୋ ନାମ ନେଇ ମୁଁ ମସିହ ମଉଦ ହେବାର ସୁସମ୍ବାଦ ଦେଇଥିଲେ । ଯେପରି ନେମତୁଲ୍ଲାଃ ଓ୍ୱଲି ଏବଂ ଜିଲ୍ଲା ଲୁଧିଆନାର ମିଆଁ ଗୁଲାବ ଶାହ ଜମାଲପୁର ନିବାସୀ । କେତେକ ନିଦର୍ଶନ ଏପରି ବି ଅଟେ ଯାହାଙ୍କ ସମସ୍ତ ଗୋଷ୍ଠୀର ମୁକାବିଲାରେ ପ୍ରତ୍ୟେକ ରାଷ୍ଟ୍ର ପର୍ଯ୍ୟନ୍ତ ଏବଂ ସବୁ କାଳ ପର୍ଯ୍ୟନ୍ତ ପରିବ୍ୟାପ୍ତ । ଏବଂ ମୁବାହିଲାର ସେ କ୍ରମ ଯାହାର ବହୁତ ନମୁନା ସଂସାର ଦେଖିଛି । * ମୁଁ ବହୁତ ଦେଖି ସାରିଲା ପରେ ମୁବାହିଲାର ପ୍ରଥାକୁ ନିଜେ ପରିସମାପ୍ତ କରିଦେଇଛି । କିନ୍ତୁ ଯେକେହି ମୋତେ ମିଥ୍ୟାବାଦୀ ଏବଂ କପଟି ଭାବୁଛି ଏବଂ ମୋ ପ୍ରତିଶ୍ରୁତ ମସିହୀୟ ଦାବୀ ଅସ୍ୱୀକାର କରୁଛି । ଏବଂ ଅଲ୍ଲାଃଙ୍କ ତରଫରୁ ଯାହା କିଛି ମୋ ଉପରେ ଐଶୀବାଣୀ ହୋଇଛି ତାହା ମୋର ଚଳ ମନେ କରୁଛି । ସେ ମୁସଲମାନ ହୋଇଥାଉ ବା ହିନ୍ଦୁ ଅଥବା ଆର୍ଯ୍ୟହୋଇଥାଉ ବା ଅନ୍ୟ ଯେକୌଣସି ଧର୍ମାବଲମ୍ବୀ ହୋଇଥାଉ । ତାକୁ ଅଖତିଆର ଅଛି ଯେ ସେ ନିଜେ ମୋ ମୁକାବିଲାରେ ଲିଖିତ ଆକାରରେ ମୁବାହିଲା ପ୍ରକାଶିତ କରୁ । ଅର୍ଥାତ୍ ଅଲ୍ଲାଃଙ୍କ ସମ୍ମୁଖରେ ପ୍ରତିଜ୍ଞା କରି କେତେକ ଖବର କାଗଜରେ ପ୍ରକାଶିତ କରୁ କି ମୁଁ ଅଲ୍ଲାଃଙ୍କ ରାଣ ଖାଇ କହୁଛି ମୋତେ ସଂପୂର୍ଣ୍ଣ ରୂପେ ଏ ଜ୍ଞାନ ପ୍ରାପ୍ତ ଅଛି ଯେ ଏ ବ୍ୟକ୍ତି (ମିର୍ଜା ଗୁଲାମ ଅହମଦ)ଯେକି ମସିହ ମଉଦ ହେବାର ଦାବୀ କରୁଛି,ନିଃସନ୍ଦେହ ମିଥ୍ୟାବାଦୀ ଅଟେ । ଏବଂ ଉକ୍ତ ପୁସ୍ତକରେ ସେ ଯେଉଁ ଦୈବି ପ୍ରକଟନ (ଏଲହାମ) ଲେଖୁଅଛି ତାହା ଅଲ୍ଲାଃଙ୍କ ବାଣୀ ନୁହେଁ ବରଂ ସେ ସବୁ ମିଥ୍ୟା ଅଟେ । ଏବଂ ମୁଁ ତାକୁ ନିଃସନ୍ଦେହ ନିଜର ସଂପୂର୍ଣ୍ଣ ଜ୍ଞାନ ଓ ଧ୍ୟାନ ପରେ ଏବଂ ସଂପୂର୍ଣ୍ଣ ବିଶ୍ୱାସର ସହ ମିଥ୍ୟାବାଦୀ କୁଟ କପଟି ଘୋଷଣା କରୁଛି । ତେଣୁ ହେ ସର୍ବ ଶକ୍ତିମାନ ଅଲ୍ଲାଃ ଯଦି ତୁମ୍ଭ ନିକଟରେ ଏ ବ୍ୟକ୍ତି ସତ୍ୟବାଦୀ ଅଟେ । ଏବଂ ମିଥ୍ୟାବାଦୀ କୁଟକପଟି , ଅବିଶ୍ୱାସୀ ଏବଂ ବିଧର୍ମୀ ନୁହେଁ ତେବେ ମୋର ଏହି ମିଥ୍ୟାରୋପ ଓ କସ୍ୱାରଟନା କରିବାର ହେତୁ କୌଣସି ଶାସ୍ତି ପ୍ରକଟ କର ନଚେତ୍ ତାକୁ ଦଣ୍ଡିତ କର । (ଆମିନ୍)

ସମସ୍ତଙ୍କ ନିମନ୍ତେ ତାଜା ନିଦର୍ଶନ ଦେଖିବାର ଇଚ୍ଛା କରିବା ପାଇଁ ଏ ଦ୍ୱାର ଖୋଲା ଯାଇଛି । ମୁଁ ପ୍ରତିଜ୍ଞା କରୁଛି କି ଯଦି ଏ ମୁବାହିଲା ଦୁଆ ପରେ ଯାହାକୁ ସାଧାରଣ ଭାବେ ପ୍ରକାଶିତ ହେବ । ଏବଂ ଅତି କମରୁ ତିନି ଗୋଟି ପ୍ରସିଦ୍ଧ ଖବର କାଗଜରେ ପ୍ରକାଶ କରିବାକୁ ହେବ । ଏପରି ବ୍ୟକ୍ତି ଯେକି ସେହି କାରଣରୁ ରାଣ ଖାଇ ମୁବାହିଲା କରେ ଏବଂ ଆକାଶୀୟ ଦଣ୍ଡରୁ ସୁରକ୍ଷିତ ରୁହେ । ତା’ ହେଲେ ମୁଁ ଅଲ୍ଲାଃଙ୍କ ତରଫରୁ ହୋଇପାରିବି ନାହିଁ । ଏହି ମୁବାହିଲାରେ କୌଣସି ସମୟ ସୀମାର ଆବଶ୍ୟକତା ନାହିଁ । ଏହା ସର୍ତ ଅଟେ ଯେ କୌଣସି କଥା ପ୍ରକଟ ହେଉ ଯାହାକୁ ହୃଦୟଙ୍ଗମ କରିନିଆ ଯାଉ ।

* ସମସ୍ତ ନ୍ୟାୟବନ୍ତ ମୌଲବି ଗୁଲାମ ଦସ୍ତଗିର ସାହେବ କସୋର ନିବାସୀଙ୍କ ପୁସ୍ତକକୁ ଦେଖି ବୁଝିପାରୁଥିବେ ଯେ କିଭଳି ସେ ନିଜସ୍ୱ ମୋ ସହିତ ମୁବାହିଲା କଲା । ଏବଂ ନିଜ ପୁସ୍ତକ ଫୈଜେ ରହମାନୀରେ ତାକୁ ପ୍ରକାଶିତ କରି ଦେଲା । ଏବଂ ପୁଣି ସେହି ମୁବାହିଲା ଫଳରେ କେବଳ କିଛି ଦିନ ପରେ ମୃତ୍ୟୁବରଣ କରିଗଲା । ଏବଂ କିଭଳି ଚିରାଗୁଦ୍ଦିନ ଜମ୍ମୁ ନିବାସୀ ନିଜ ତରଫରୁ ମୁବାହିଲା କଲେ ଏବଂ ଲେଖିଲେ ଯେ ଆମ ଦୁଇ ଜଣ ମଧ୍ୟରୁ ମିଥ୍ୟାବାଦୀକୁ ଅଲ୍ଲାଃ ଧ୍ୱଂସ କରୁ । ଏ କଥାର କିଛି ଦିନ ପରେ ମହାମାରୀ ରୋଗରେ ସେ ନିଜ ଦୁଇ ପୁତ୍ରଙ୍କ ସହ ମୃତ୍ୟୁବରଣ କଲା ।

**(ହକିକତୁଲ୍ ଓ୍ୱହି, ରୁହାନୀ ଖଜାଏନ୍, ଖଣ୍ଡ -୨୨ ,ପୃଷ୍ଠା- ୭୦-୭୨)**


ପ୍ରିନ୍‌ଟର ଓ ପବ୍ଲିସର୍: ଜମିଲ ଅହମଦ ନାସିର, ଫଜଲେ ଉମର ପ୍ରିନ୍‌ଟିଙ୍ଗ ପ୍ରେସ୍,କାଦିଆନରେ ମୁଦ୍ରଣ କରି ବଦର କାର୍ଯ୍ୟାଳୟ କାଦିଆନ ଦ୍ୱାରା ପ୍ରକାଶିତ କରାଗଲା । ପ୍ରୋପ୍ରାଇଟର,ତତ୍ତ୍ୱାବଧାରକ ବଦର ବୋର୍ଡ୍ କାଦିଆନ

## ସମ୍ପାଦକୀୟ......



# "ଦେଶ ପ୍ରେମ ଧର୍ମବିଶ୍ୱାସର ଏକ ଅବିଚ୍ଛେଦ ଅଙ୍ଗ"

**ବି**ଶ୍ୱବ୍ୟାପ୍ତ ଅହମଦୀୟା ମୁସଲିମ୍ ସମ୍ପ୍ରଦାୟ ପୃଥିବୀର ୨୦୭ଟି ଦେଶରେ ଆଜି ବିସ୍ତାର ଲାଭ କରିଛି । ଇସ୍‌ଲାମ୍ ଧର୍ମର ବାସ୍ତବ ଶିକ୍ଷା ଭିତ୍‌ତିରେ ଏହି ଅଧାତ୍ମିକ ସଂଗଠନ ଶାନ୍ତି, ମୈତ୍ରୀ, ଭ୍ରାତୃତ୍ୱ ଓ ଦେଶପ୍ରେମର ଅମୀୟ ବାର୍ତା ସମଗ୍ର ବିଶ୍ୱରେ ପ୍ରଚାର କରେ । ଅହମଦୀୟା ମୁସଲିମ୍ ସମ୍ପ୍ରଦାୟର ସର୍ବୋଚ୍ଚ ମୁଖ୍ୟ- ହଜରତ ମିର୍ଜା ମସ୍‌ରୁର୍ ଅହମଦ୍ ସାହେବ୍ ଏହି ବାର୍ତାକୁ ପୃଥିବୀର କୋଣେ କୋଣେ ପ୍ରସାରଣ କରୁଛନ୍ତି ।

ନିଜ ଦେଶ ପ୍ରତି ଆନୁଗତ୍ୟ ପ୍ରକାଶ କରିବା ଏବଂ ଦେଶକୁ ଭଲ ପାଇବା ବିଷୟ କାହା ଠାରୁ ଶୁଣି ନେବା କିମ୍ୱା ମୁହଁରେ କହିଦେବା ଭାରି ସହଜ ମନେ ହୁଏ । କିନ୍ତୁ ପ୍ରକୃତରେ ଏହାର ଅର୍ଥ ବ୍ୟାପକ । ଏହି ଶବ୍ଦ ଭିତରେ ରହିଥିବା ଗୁଢ ତତ୍‌ତ୍ୱ ଅତି ସୁନ୍ଦର, ସାବଲୀଳ ଓ ହୃଦୟସ୍ପର୍ଶୀ । ଏହାର ବାସ୍ତବ ମର୍ମକୁ ଭଲ ଭାବରେ ବୁଝିବା ଏବଂ ତଦନ୍ତର୍ଗତ ତାତ୍‌ତ୍ୱିକ ଅର୍ଥ କ'ଣ, ତାହାକୁ ହୃଦୟଙ୍ଗମ କରିବା ବହୁତ କଷ୍ଟ କର ।

ଇସଲାମର ସର୍ବପ୍ରଥମ ମୌଳିକ ନୀତିଶିକ୍ଷା ହେଉଛି, ଜଣେ ବ୍ୟକ୍ତିର କହିବା ଏବଂ କରିବା ଭିତରେ କୌଣସି ପାର୍ଥକ୍ୟ ନ ରହୁ ଓ ସେ କପଟତାପୂର୍ଣ୍ଣ ଆଚରଣ ଠାରୁ ଦୂରେଇ ରହୁ । ଦେଶପ୍ରତି ବାସ୍ତବ ଅନୁରକ୍ତି ପ୍ରକାଶ କରିବା ପାଇଁ ଜଣେ ନିଷ୍ଠାବାନ ଓ ସଚ୍ଚୋଟ ହେବା ଏକାନ୍ତ ଆବଶ୍ୟକ । ସେଥିପାଇଁ ଏହା ଜରୁରୀ ଯେ ଜଣେ ବ୍ୟକ୍ତି ବାହାରକୁ ଯାହା ପ୍ରକାଶ କରେ, ଗୋପନରେ ମଧ ତାହା ତା' ହୃଦୟର ଭାଷା ତାହା ହିଁ କହିବ । ଜାତୀୟତା ପ୍ରଶ୍ନ ଉଠିଲେ ଏହି ନୀତିର ଗୁରୁତ୍ୱ ଆହୁରି ଅଧିକ ବଢିଯାଏ । ସୁତରାଂ କୌଣସି ଦେଶରେ ବସବାସ କରୁଥିବା ବ୍ୟକ୍ତି ସେହି ଦେଶ ସହିତ ପ୍ରକୃତ ଆନୁଗତ୍ୟ ଏବଂ ବିଶ୍ୱାସନୀୟତା ଭିତିକ ସମ୍ପର୍କ ସୃଷ୍ଟି କରିବା ଏକାନ୍ତ ପ୍ରୟୋଜନ । ସେହି ଦେଶର ସେ ମୂଳ ବାସିନ୍ଦା ହୋଇଥାନ୍ତୁ କିମ୍ୱା ଅନ୍ୟ କୌଣସି ଦେଶରୁ ଆସି ପ୍ରବାସୀ ରୂପେ ସେହି ଦେଶର ନାଗରିକତ୍ୱ ଗ୍ରହଣ କରିଥାନ୍ତୁ, ସେ ସମସ୍ତେ ଆନୁଗତ୍ୟ ପ୍ରକାଶ ଓ ସଂପର୍କ କରିବାରେ ସମାନ ମନୋବୃତ୍‌ତି ପୋଷଣ କରିବା ବିଧେୟ ।

ଅନୁରକ୍ତି ଏକ ଅତି ଉତ୍‌ତମ ଗୁଣ । ଯେଉଁମାନେ ଏହାର ମହତ୍ୱକୁ ବୁଝି ସର୍ବୋଚ୍ଚ ମାନ୍ୟତା ପ୍ରଦାନ କରିଥାନ୍ତି, ସେମାନେ ହେଉଛନ୍ତି, ଅଲ୍ଲାଃ ପ୍ରେରିତ ମହାପୁରୁଷ । ଏହାକୁ ନିଜ ଜୀବନରେ ଆଦରି ନେଇ ପ୍ରକାଶ୍ୟରେ ଏହାର ପରିପ୍ରକାଶ ମଧ କରିଥାନ୍ତି । ନିଜ ସ୍ରଷ୍ଟା ସହିତ ସେମାନଙ୍କ ପ୍ରେମର ସମ୍ପର୍କ ଏତେ ଦୃଢ ହୋଇଥାଏ ଯେ ଅଲ୍ଲାଃଙ୍କ ଆଦେଶାବଳୀ ସେମାନଙ୍କ ପାଇଁ ଶିରୋଧାର୍ଯ୍ୟ । ନିଜ ଜୀବନରେ ସେମାନେ ସମ୍ପୂର୍ଣ୍ଣ ରୂପେ ସେହି କର୍ତବ୍ୟକୁ କିପରି ପାଳନ କରିବେ, ସେଥିପାଇଁ ସବୁମନ୍ତେ ଚେଷ୍ଟିତ ଥାନ୍ତି । ଏହାଦ୍ୱାରା ଅଲ୍ଲାଃଙ୍କ ସହିତ ସେମାନଙ୍କର ସମ୍ପର୍କ ନିବିଡ ହୁଏ ଏବଂ ସେମାନଙ୍କ ଠାରେ ଉଚ୍ଚକୋଟିର ଦେଶ ଭକ୍ତି ପ୍ରକାଶିତ ହୋଇଥାଏ । ତେଣୁ ସେହି ସ୍ତରର ଦେଶ ପ୍ରେମ ଓ ତ୍ୟାଗର ଭାବନାକୁ ଆମେ ନିଜର ଆଦର୍ଶ ରୂପେ ଗ୍ରହଣ କରିବା ଉଚିତ ।

**ଇସଲାମର ଶିକ୍ଷା ଅନୁଯାୟୀ ବିଶ୍ୱସନୀୟତାର ପ୍ରକୃତ ସଂଜ୍ଞା ହେଉଛି : ଯେ କୌଣସି କଷ୍ଟକର ପରିସ୍ଥିତିରେ ହେଉ ପଛେ, ସବୁ ପ୍ରକାର ପ୍ରତିକୂଳ ବାଧାବିଘ୍ନର ମୁକାବିଲା କରି ଓ ସନ୍ଦେହ ମୁକ୍ତ ହୋଇ ପ୍ରତିଶ୍ରୁତି ପୂରଣ କରିବା ଏବଂ ପ୍ରତ୍ୟେକ ସ୍ତରରେ ସାମ୍ବିଧାନିକ ଚୁକ୍ତି ଅନୁସାରେ କର୍ତବ୍ୟ ପାଳନ କରିବା ପାଇଁ ଅଙ୍ଗୀକାର ବଦ୍ଧ ହେବା ।** ଏହା ହିଁ ତାତ୍ପର୍ଯ୍ୟ, ଯାହା ଇସଲାମ ଧର୍ମରେ ଅତ୍ୟାବଶ୍ୟକ ।

ଦିବ୍ୟ ବାର୍ତାବହ ହଜରତ ମୁହମ୍ମଦ ସଲ୍ଲମଙ୍କ ଏକ **ଗୁରୁତ୍ୱପୂର୍ଣ୍ଣ ନୀତିଶିକ୍ଷା ହେଉଛି: ''ଦେଶପ୍ରେମ ଧର୍ମବିଶ୍ୱାସର ଏକ ଅବିଚ୍ଛେଦ ଅଙ୍ଗ'' । ତେଣୁ ଇସଲାମ ନିଷ୍ଠାପୂର୍ଣ୍ଣ ଦେଶଭକ୍ତି ଆବଶ୍ୟକ କରେ । ଅଲ୍ଲାଃ ଏବଂ ଇସଲାମକୁ ପ୍ରେମ କରିବାର ଯଥାର୍ଥତା ଏହା ବ୍ୟକ୍ତ କରୁଛି ଯେ ଜଣେ ବ୍ୟକ୍ତି ନିଜ ଦେଶକୁ ଆନ୍ତରିକତା ସହିତ ପ୍ରେମ କରୁ । ଏଥିରୁ ଏହା ସୁସ୍ପଷ୍ଟ ହେଉଛି ଯେ ଅଲ୍ଲାଃଙ୍କୁ ଭଲ ପାଇବା ଏବଂ ସ୍ୱଦେଶକୁ ଭଲ ପାଇବା ମଧରେ କୌଣସି ବିଭେଦ ନାହିଁ । ଯେହେତୁ ସ୍ୱଦେଶ ପ୍ରୀତି ଇସଲାମର ଏକ ଅଂଶ ବିଶେଷ,** ତେଣୁ ଦେଶ ଭକ୍ତିର ସର୍ବୋତମ ଶିଖରରେ ପହଂଚିବା ପାଇଁ ଚେଷ୍ଟା କରିବା ପ୍ରତ୍ୟେକ ମୁସଲମାନ ପକ୍ଷରେ ଅତ୍ୟନ୍ତ ଜରୁରୀ, ଯଦ୍ୱାରା ସେ ଅଲ୍ଲାଃ ପ୍ରାପ୍ତି ଏବଂ ତାହାଙ୍କ ସାନ୍ନିଧ ଲାଭ କରିବାର ଗୌରବ ଅର୍ଜନ କରିପାରିବ । ସୁତରାଂ ଜଣେ ମୁସଲମାନର ଅଲ୍ଲାଃ ପ୍ରେମ ଯେ ନିଜ ଦେଶ ପ୍ରତି ପ୍ରେମ ଓ ସଦିଚ୍ଛା ପୋଷଣ କରିବାରେ କୌଣସି ପ୍ରକାର ପ୍ରତିବନ୍ଧକ ସୃଷ୍ଟି କରିବ, ଏହା ଅସମ୍ଭବ । **ଇସଲାମ ଏହା ମଧ ଶିକ୍ଷା ଦିଏ ଯେ କୌଣସି ପ୍ରତିକୂଳ ପରିସ୍ଥିତିରେ ମଧ ଆଇନକୁ ହାତକୁ ନେବା ଉଚିତ ନୁହେଁ କିମ୍ୱା ଦେଶ ପ୍ରତି ବିଶ୍ୱାସଘାତକତା କରି ଏହା ବିରୁଦ୍ଧରେ ଗୋପନ ଷଡଯନ୍ତ୍ର ରଚନା କରିବା ମଧ ଆଦୌ ଗ୍ରହଣୀୟ ନୁହେଁ । ଏହି ଆଦେଶକୁ ନିର୍ଦ୍ଦିଷ୍ଟ ରୂପେ ପାଳନ କରିବା ପାଇଁ ଇସଲାମର ସୁସ୍ପଷ୍ଟ ଶିକ୍ଷା ରହିଛି ।**

ଅଧିକାଂଶ ଲୋକଙ୍କୁ ବସ୍ତୁର ଲାଳସା ଏବଂ ଧନର ନିଶା ଏତେ ମାତ୍ରାରେ ଘାରିଥାଏ ଯେ ସେମାନେ ନିଜ ଦେଶ ପ୍ରତି ବିଶ୍ୱସ୍ତ ହୁଅନ୍ତି ନାହିଁ, ବରଂ ସେମାନେ ଦେଶର ଆଇନକୁ ଉଲଂଘନ କରନ୍ତି । **ବିଭିନ୍ନ ଅନୈତିକ କାର୍ଯ୍ୟ କରି ଅନ୍ୟର କ୍ଷତି ଘଟାଇବା, ବେଆଇନ କାର୍ଯ୍ୟରେ ଲିପ୍ତ ରହି ନିଜ ଦେଶକୁ ପ୍ରତାରିତ କରିବା, ଅସାଧୁ ଉପାୟରେ ଧନାଦି ଉପାର୍ଜନ କରିବା ଓ ଜାଲିଆତି କରି ଅନ୍ୟର ଅର୍ଥ ଆତ୍ମସାତ କରିବା । ନୈତିକତାର ଉଚ୍ଚମାନ ପ୍ରତିଷ୍ଠା ନ ହେଲେ ବିଶ୍ୱସ୍ତତା ତିଷ୍ଠି ପାରିବ ନାହିଁ । ଅଧିକନ୍ତୁ ବିଶ୍ୱସ୍ତତା ସ୍ଥାପିତ ନ ହେଲା ପର୍ଯ୍ୟନ୍ତ ଉଚ୍ଚ ନୈତିକ ମୂଲ୍ୟବୋଧ ମଧ ତିଷ୍ଠି ପାରିବ ନାହିଁ ।** ବିଭିନ୍ନ ଲୋକ ନିଜ ନିଜର ଦୃଷ୍ଟିଭଙ୍ଗୀରେ ନୈତିକ ମୂଲ୍ୟବୋଧର ମାନ ନିର୍ଦ୍ଧାରଣ କରିଥାନ୍ତି ସତ, ମାତ୍ର ଇସଲାମର ସିଦ୍ଧାନ୍ତ କେବଳ ଈଶ୍ୱରଙ୍କ ସନ୍ତୁଷ୍ଟି ଲାଭ ପାଇଁ କାର୍ଯ୍ୟ କରିବା । ଯେଉଁ କାର୍ଯ୍ୟ କଲେ ଈଶ୍ୱର ପ୍ରସନ୍ନ ହେବେ, କେବଳ ସେହି କାର୍ଯ୍ୟ ଏକାନ୍ତ ଭାବେ କରିବା ସକାଶେ ମୁସଲମାନମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । **ସଂକ୍ଷେପରେ କହିବାକୁ ଗଲେ, ଇସଲାମର ଶିକ୍ଷା ଅନୁଯାୟୀ କୌଣସି ଦେଶ ବା ସରକାରଙ୍କ ବିରୁଦ୍ଧରେ ବିଦ୍ରୋହ କରିବା, ବିଶ୍ୱାସଘାତକତା ଏବଂ ପ୍ରତାରଣାମୂଳକ କାର୍ଯ୍ୟ କରିବା ପାଇଁ ଅଲ୍ଲାଃ ବାରଣ କରିଛନ୍ତି ।** କାରଣ ଏପରି କାର୍ଯ୍ୟ ଯୋଗୁଁ ଦେଶ ଓ ଜାତିର ନିରାପତ୍‌ତା ଏବଂ ଶାନ୍ତି ବ୍ୟାହତ ହୁଏ । ପୁନଶ୍ଚ ଏଗୁଡିକ ଏକ ଦେଶ ବିରୋଧୀ ଆନ୍ତର୍ଘାତୀ କାର୍ଯ୍ୟକଳାପ ।

ପୂର୍ବାଲୋଚିତ ସମସ୍ତ ଦିଗକୁ ବିଚାର କଲେ, ଆମେ ଏହି ସିଦ୍ଧାନ୍ତରେ ଉପନୀତ ହେବା ଯେ ଜଣେ ବ୍ୟକ୍ତି ନିଜ ଦେଶ ପ୍ରତି ବିଶ୍ୱାସଭାଜନ ହେବା ସକାଶେ ତା ପାଇଁ ଧୈର୍ଯ୍ୟ ଓ ସହନଶୀଳତା ଏକାନ୍ତ ଆବଶ୍ୟକ । ଏହା ତା'ର ନୈତିକ ଗାରିମାକୁ ଉଦ୍‌ଭାସିତ କରାଏ ଏବଂ ମାତୃଭୂମିର ସମସ୍ତ ଆଇନ କାନୁନକୁ ପାଳନ କରିବା ପାଇଁ ସେ ଅନୁପ୍ରାଣୀତ ହୁଏ ।

ବିଶ୍ୱର ଅନେକ ଭାଗରେ ସରକାରଙ୍କ ନୀତି ବିରୁଦ୍ଧରେ ପ୍ରତିବାଦକରି ଜନତା ଧର୍ମଘଟରେ ସାମିଲ ହୁଅନ୍ତି । ତୃତୀୟ ବିଶ୍ୱର କେତେକ ଦେଶରେ ବିକ୍ଷୋଭ ପ୍ରଦର୍ଶନକାରୀମାନେ ଭଙ୍ଗାରୁଜା ଓ ପୋଡାଜଳା କରି ଅନେକ ଧନ ଜୀବନ ନଷ୍ଟ କରୁଛନ୍ତି । ସେଥିରେ ଅନେକ ସରକାରୀ ଓ ବେସରକାରୀ ଧନ ସମ୍ପତି ମଧ ଧ୍ୱଂସ ହୁଏ । ଦେଶପ୍ରେମ ନାମରେ ଏହି କାଣ୍ଡ ଭିଆଉଥିବାର ସେମାନେ ଦାବି କରନ୍ତି ସିନା ମାତ୍ର ପ୍ରକୃତ ପକ୍ଷେ ସେମାନଙ୍କ ଆଚରଣରେ ଦେଶ ପ୍ରତି ଭକ୍ତି ଓ ସମ୍ମାନ ପ୍ରଦର୍ଶନ ଲେଶ ମାତ୍ର ଚିହ୍ନ ନଥାଏ । ଏହା ମନେ ରଖିବାକୁ ହେବ ଯେ କୌଣସି ହିଂସାକାଣ୍ଡଜନିତ କ୍ଷୟକ୍ଷତି ବା ଅପରାଧ ନ କରି ବିଭିନ୍ନ ଧର୍ମଘଟ ଶାନ୍ତିପୂର୍ଣ୍ଣ ଭାବରେ ଆୟୋଜିତ ହେଉଥିଲେ ସୁଦ୍ଧା ଏହାର ପରିଣାମ ନକାରତ୍ମକ ହୋଇଥାଏ । ଶାନ୍ତିପୂର୍ଣ୍ଣ ଧର୍ମଘଟ ସତ୍ୱେ ଅନେକ ଦେଶରେ ଅର୍ଥନୈତିକ ବ୍ୟବସ୍ଥା ଗୁରୁତର ଭାବେ ପ୍ରଭାବିତ ହୁଏ, ଯଦ୍ୱାରା ସେହି ଦେଶ କୋଟି କୋଟି ଟଙ୍କାର ଆର୍ଥିକ କ୍ଷତି ସହିବାକୁ ବାଧ ହୁଏ । ଏହାକୁ କୌଣସି ପରିସ୍ଥିତିରେ ବି ଦେଶ ପ୍ରତି ଭକ୍ତି ଓ ବିଶ୍ୱସନୀୟତା କୁହାଯାଇ ପାରିବ ନାହିଁ । ଏହାକୁ ସୁବ୍ୟବସ୍ଥିତ କରି ଅହମଦୀୟା ମୁସଲିମ ଜମାଅତ୍‌ର ପ୍ରତିଷ୍ଠାତା ହଜରତ ମିର୍ଜା ଗୁଲାମ ଅହମଦ କହିଥିଲେ 'ଆମେମାନେ ସର୍ବଦା ଅଲ୍ଲାଃ, ତାହାଙ୍କ ଅବତାରଗଣ ଏବଂ ଆମ ଦେଶର ଶାସକଙ୍କ ପ୍ରତି ଆଜ୍ଞାନୁବର୍ତୀ ହେବା ଅପରିହାର୍ଯ୍ୟ ।' ଅନୁରୂପ ଶିକ୍ଷା ପବିତ୍ର କୋରାନରେ ମଧ ଉଲ୍ଲିଖିତ ଅଛି । ସୁତରାଂ ଯଦି କୌଣସି ଦେଶ ଧର୍ମଘଟ କରିବାକୁ ବା ବିକ୍ଷୋଭ ପ୍ରଦର୍ଶନ କରିବାକୁ ଆଇନ ସଂଗତ ଅନୁମତି ପ୍ରଦାନ କରେ, ତେବେ ସେହି ଦେଶର କୌଣସି କ୍ଷତି ନ ଘଟାଇ ଅଥବା ଜାତୀୟ ସମ୍ପତି ଧ୍ୱଂସ ନ କରି ଯାହା କି ଆର୍ଥିକ ଅବନତିର କାରଣ ହେବ, ଧର୍ମଘଟକାରୀ ଓ ବିକ୍ଷୋଭ ପ୍ରଦର୍ଶନକାରୀମାନେ ସତର୍କତା ମୂଳକ ପଦକ୍ଷେପ ଗ୍ରହଣ କରିବା ଉଚିତ । ସୁତରାଂ ଇସଲାମୀୟ ଶିକ୍ଷାର ଏହା ହେଉଛି କେତୋଟି ଦିଗ, ଯାହା ସମସ୍ତ ସତ୍ୟବାଦୀ ମୁସଲମାନମାନଙ୍କୁ ନିଜ ଦେଶ ପ୍ରତି ପ୍ରକୃତ ପ୍ରେମ ଏବଂ ଅନୁରକ୍ତିର ଆବଶ୍ୟକତା ପୂରଣ କରିବା ପାଇଁ ଉଚିତ ଦିଗ ଦର୍ଶନ କରାଇଥାଏ ।

ପରିଶେଷରେ ଏତିକି କୁହାଯାଇପାରେ ଯେ ଆଜି ପୃଥିବୀ ଗୋଟିଏ ଗୋଲାକାର ଗ୍ରାମରେ ପରିଣତ ହୋଇଛି । ପୃଥିବୀବାସୀ ଅତି ଘନିଷ୍ଠ ଭାବରେ ପରସ୍ପର ମଧରେ ସଂଯୁକ୍ତ ହୋଇଛନ୍ତି । ସବୁ ଜାତି, ଧର୍ମ ଓ ସଂସ୍କୃତିର ଲୋକ ସବୁ ଦେଶରେ ଦେଖାଯାଆନ୍ତି । ତେଣୁ ପ୍ରତ୍ୟେକ ଦେଶର ନେତା ଏବଂ ନାଗରିକ ସାଧାରଣ ଅଧିବାସୀଙ୍କର ମାନସିକ ଆବେଗ ଓ ହୃଦୟର ଭାବନାକୁ ବିଚାରକୁ ନେଇ ସେଥିପ୍ରତି ସମ୍ମାନ ଜଣାଇବା ଆବଶ୍ୟକ । ସେଠାକାର ନେତା ଓ ପ୍ରଶାସନ ଏପରି ଆଇନ ପ୍ରଣୟନ କରିବାକୁ ଚେଷ୍ଟିତ ହେବା ଉଚିତ, ଯାହା ସତ୍ୟ ଓ ନ୍ୟାୟର ଏକ ସୁସ୍ଥ ଓ ସଚେତନ ପରିବେଶ ସୃଷ୍ଟି କରିବା ପାଇଁ ଯତ୍ନଶୀଳ ହୋଇ ରହିଥିବ ଏବଂ ସେହି ନିୟମ ଜନ ଅସନ୍ତୋଷ ଓ ମାନସିକ ଅଶାନ୍ତିର କାରଣ ହେବ ନାହିଁ । ଏକପକ୍ଷେ ଅନ୍ୟାୟ ଓ କ୍ରୁରତା ଲୋପ ପାଇବ ଓ ଅନ୍ୟ ପକ୍ଷେ ଆମେ ପ୍ରକୃତ ନ୍ୟାୟ ପାଇବା ପାଇଁ ସଦା ତତ୍ପର ହେବା । ତେବେ ଯାଇ ପ୍ରକୃତ ଶାନ୍ତି ସ୍ଥାପିତ ହୋଇପାରିବ । ଦେଶ ପ୍ରତି ସମ୍ମାନ ପ୍ରକଟ ହୋଇପାରିବ । ଆମେ ପ୍ରକୃତ ନାଗରିକ ବୋଲାଇ ପାରିବା । ସେଇଥି ପାଇଁ ଅହମଦୀୟା ମୁସଲିମ ସମ୍ପ୍ରଦାୟ ସର୍ବକ୍ଷେତ୍ରରେ ସର୍ବଧର୍ମ ଶାନ୍ତି ସମ୍ମିଳନୀ ଆୟୋଜିତ କରି ବିଶ୍ୱବାସୀଙ୍କୁ ଏକତା ଓ ଅଖଣ୍ଡତାର ଆହ୍ୱାନ ଦେଇଚାଲିଛି । ॥ ସାର୍ବେ ଭବନ୍ତୁ ସୁଖିନଃ ॥

**ହିନ୍ଦୁ,ମୁସଲିମ,ଶିଖ୍,ଈସାଇ ହମ୍ ସବ୍ ହେଁ ଭାଇ ଭାଇ**
**ଭାଇ କୋ ହେଁ ଭାଇ ପ୍ୟାରା ଐସା ୱତନ୍ ରହେ ହମାରା ॥**

**ସହ-ସମ୍ପାଦକ**
**ମୌଲବି ଫଜଲ୍ ହକ୍ ଖାନ୍**
**ମୋ:୯୪୩୭୬୪୫୬୬୭**

# ଖୁତ୍‌ବା ଜୁମା

- ହଜରତ ମୁସଲେଃ ମଉଦ[ର.ଅ]ଙ୍କ ବର୍ଣ୍ଣିତ ହଜରତ ମସିହ ମଉଦ[ଆ.ସ]ଙ୍କ ଗୁଣାତ୍ମକ ଘଟଣାବଳୀର ଚର୍ଚ୍ଚା ।
- ଦେଖ ଅଦାଲତକୁ ଯିବା ମନା ନାହିଁ କିନ୍ତୁ ଯଦି ମିଳିବସି ସମାଧାନ କରାଯାଇପାରେ ସେତେବେଳେ ଅଯଥା ଅଦାଲତର ଦ୍ୱାରସ୍ଥ ହେବା ଏବଂ ନିଜ ଜିଦରେ ଅଟଳ ରହିବା ଉଚିତ ନୁହେଁ ।
- ପ୍ରତ୍ୟେକ ବ୍ୟକ୍ତି ନିଜ ପିତାମାତାଙ୍କ ସହ ଉତ୍ତମ ଆଚରଣ କରିବା ସହ ସେମାନଙ୍କର ଆଜ୍ଞାକାରୀ ହେବା ଉଚିତ । କିନ୍ତୁ ଦେଖିବାକୁ ମିଳୁଛି ଯେ ଅନେକ ଯୁବକ ଯୁବତୀ ନିଜ ପିତାମାତାଙ୍କର ସମ୍ମାନ କରିନଥାନ୍ତି ।
- ପବିତ୍ର କୋରାନକୁ ଖୁବ ଗଭୀରତାର ସହ ପାଠ କରିବା ସହ ହଜରତ ମସିହ ମଉଦ[ଆ.ସ] ଓ ହଜରତ ମୁସଲେଃ ମଉଦ[ର.ଅ]ଙ୍କ କୋରାନର ବ୍ୟାଖ୍ୟା, ପୁଣି ଖଲିଫାମାନେ କରିଥିବା କେତେକ ପଂକ୍ତିଗୁଡ଼ିକର ବ୍ୟାଖ୍ୟା ଅଧ୍ୟୟନ କରିବା ଉଚିତ । ଯଦ୍ଦ୍ୱାରା ଆମକୁ ଜ୍ଞାନ ଓ ରହସ୍ୟର ନୂତନ ସୂତ୍ରର ସନ୍ଧାନ ମିଳିପାରିବା ପାଇଁ ଚେଷ୍ଟା କରିବା ଉଚିତ୍ ।
- ତେଣୁ ଜ୍ଞାନ ସହିତ କର୍ମର ଅଭିଜ୍ଞତା ହେବା ଆବଶ୍ୟକ । ଏବଂ ସଂସାରରେ ଏହାର ବହୁତ ମହତ୍ୱ ରହିଛି ।
- ଜଣେ ଅହମଦିର ବିଶ୍ୱାସ ସେତେବେଳେ ସୁରକ୍ଷିତ ହୋଇଥାଏ ଯେତେବେଳେ ସେ ଜମାଅତର ସଂଗଠନ ଓ ଖଲିଫାଙ୍କ ସହ ନିଜର ସମ୍ପର୍କକୁ ସୁଦୃଢ଼ କରିଥାଏ । ସେଥିପାଇଁ ମାଧ୍ୟମଗୁଡ଼ିକ ସହ ଯୋଡ଼ିରହିବା ଉଚିତ । ଯଦ୍ଦ୍ୱାରା ଆମେ ଖଲିଫାଙ୍କ ଠାରୁ ସହସ୍ର କୋଶ ଦୂରରେ ବସି ମଧ୍ୟ ସମ୍ପର୍କ ଭଙ୍ଗର କୌଣସି ଆଶଙ୍କାରୁ ସୁରକ୍ଷିତ ହୋଇପାରିବା ।
- ତେଣୁ ଆଜି ଏମ.ଟି.ଏ ଏବଂ ଆମ ୱେବ୍‌ସାଇଟ ଅଲ୍ ଇସ୍‌ଲାମ୍ ହଜରତ ମସିହ ମଉଦ[ଆ.ସ]ଙ୍କ ପ୍ରଚାରର ଏକ ପ୍ରମୁଖ ମାଧ୍ୟମ ସାଜିଛି ଏହା ପ୍ରତ୍ୟେକ ଅହମଦିଙ୍କ ପ୍ରଶିକ୍ଷଣ ଏବଂ ଖିଲାଫତ ସହ ଯୋଡ଼ି ହେବାର ଏକ ବୃହତ ମାଧ୍ୟମ ଅଟେ । ସୁତରାଂ ପ୍ରତ୍ୟେକ ଅହମଦି ଏହା ସହ ନିଜକୁ ଯୋଡ଼ିବାକୁ ଚେଷ୍ଟା କରିବା ଉଚିତ ।
- ଅତଏବ ସମ୍ପର୍କ ସ୍ଥାପନ ନିମନ୍ତେ ଏପରି ବ୍ୟକ୍ତିମାନଙ୍କ ଚୟନ କରିବା ଉଚିତ ଯେଉଁମାନଙ୍କର ଧାର୍ମିକ ଅବସ୍ଥା ଉତ୍ତମ ଥିବା ସହ ସେମାନେ ନିୟମିତ ଆଗ୍ରହର ସହିତ ନମାଜ ପାଠ କରୁଥିବେ । ଏହା ମାଧ୍ୟମରେ ମୁଁ କାଦିଆନ ଓ ରବୱାର ଅହମଦିମାନଙ୍କୁ ବିଶେଷ କରି କହିବାକୁ ଚାହୁଁଛି ।
- ତେଣୁ ରବୱାର ନାଗରିକଙ୍କୁ ମଧ୍ୟ ଏଥିପ୍ରତି ଖାସ ଧ୍ୟାନ ଦେବା ଆବଶ୍ୟକ । ଯେଉଁମାନେ ଅବହେଳିତ ଅଛନ୍ତି ସେମାନେ ଦୁର୍ବଳଙ୍କ ଠାରୁ ପ୍ରଭାବିତ ହେବା ଅପେକ୍ଷା ଜମାତର ସେହି ଲୋକମାନଙ୍କ ପ୍ରଭାବକୁ ଗ୍ରହଣ କରନ୍ତୁ ଯେଉଁମାନଙ୍କର ଜମାତ ସହ ଦୃଢ଼ ସଂପର୍କ ରହିଛି । ଏବଂ ଯେଉଁମାନେ ନିୟମିତ ନମାଜ ପାଠ କରନ୍ତି ।
- ଜନାବ କମରୁଜ୍ ଜିଆ ପିତା ମୁହମ୍ମଦ ଅଲି ସାହେବ ଜିଲ୍ଲା ଶେଖୁପୁରା, କୋଟ ଅବ୍ଦୁଲ ମାଲିକ ନିବାସୀଙ୍କ ଶହୀଦ ହେବା ଘଟଣା ।

**ଖୁତ୍‌ବା ଜୁମା: ସୟଦ୍‌ନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ୍ ପଂଚମ[ଅ.ବ] (ପ୍ରଦତ୍ତ: ୦୪ ମାର୍ଚ୍ଚ ୨୦୧୬ ଅନୁଯାୟୀ ୦୪ ଅମାନ୍ ୧୩୯୫ ହି.ଶ)**

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهُ لَا شَرِيْكَ لَهُ وَأَشْهَدُ أَنَّ مُحَمَّدًا عَبْدُهُ وَرَسُوْلُهُ
أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ ۔ بِسْمِ اللّٰهِ الرَّحْمٰنِ الرَّحِيْمِ
اَلْحَمْدُ لِلّٰهِ رَبِّ الْعٰلَمِيْنَ ۔ اَلرَّحْمٰنِ الرَّحِيْمِ ۔ مٰلِكِ يَوْمِ الدِّيْنِ ۔ اِيَّاكَ نَعْبُدُ وَاِيَّاكَ نَسْتَعِيْنُ ۔
اِهْدِنَا الصِّرَاطَ الْمُسْتَقِيْمَ ۔ صِرَاطَ الَّذِيْنَ اَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ ۔

ବିଗତ ଦିନର କେତେକ ଖୁତବା ଜୁମାରେ ମୁଁ ହଜରତ ମୁସଲେଃ ମଉଦ[ର.ଅ] ଓ ହଜରତ ମସିହ ମଉଦ[ଆ.ସ] ଙ୍କ ଦ୍ୱାରା ବର୍ଣ୍ଣିତ କେତେକ କଥନ, ହିତୋପଦେଶ ଓ କାହାଣୀର ଚର୍ଚ୍ଚା କରି ଆସୁଛି, ଯେଉଁଥିରୁ ଅନେକ ଶିକ୍ଷା ମିଳୁଛି । ଆଜି ମଧ୍ୟ ସେମିତି କିଛି କାହାଣୀର ଚୟନ କଲାବେଳେ ମୁଁ ଅନୁଭବ କଲି କି ବିଭାଜନ ପୂର୍ବରୁ ଭାରତ ଓ ପାକିସ୍ତାନର ପରମ୍ପରା ଯେମିତି କି ହଜରତ ମସିହ ମଉଦ[ଆ.ସ]ଙ୍କ ସମୟରେ ଥିଲା ଆଜି ମଧ୍ୟ ସେହିପରି ଅପରିବର୍ତ୍ତିତ ରହିଛି ଏବଂ ଏହା କେବଳ ହଜରତ ମସିହ ମଉଦ[ଆ.ସ] ଙ୍କ ପ୍ରଭାବର ପରିଣାମ । ଉକ୍ତ ରୀତିନୀତି ଓ ପରମ୍ପରା ଯଦି ଆମ ପୁସ୍ତକମାନଙ୍କରେ ଦରଜ ନଥାନ୍ତା ତେବେ ଆଜିର ଏହି ଆଧୁନିକ ଯୁଗରେ ସେଗୁଡ଼ିକର ସନ୍ଧାନ ହିଁ କାହାରିକୁ ମିଳିନଥାନ୍ତା । ଆଜି ସେହି କଥାଗୁଡ଼ିକର ଭିନ୍ନ ଭିନ୍ନ ଭାଷାରେ ଅନୁବାଦ କରାଯାଉଛି । ଯାହାହେଉ ନା କାହିଁକି ମୁଁ କହିଲି ମୁଁ ଏସବୁକୁ ଦେଖୁଥିଲି,ତେଣୁ ଏହି କଥନଗୁଡ଼ିକୁ ଆଜି ବର୍ଣ୍ଣନା କରିବି । ସେଗୁଡ଼ିକ କେବଳ କାହାଣୀ ନୁହେଁ ବରଂ ତନ୍ମଧ୍ୟରୁ ଅନେକ ସତ୍ୟ ଘଟଣା ଉପରେ ଆଧାରିତ । ହଜରତ ମସିହ ମଉଦ[ଆ.ସ] ଙ୍କର ସେଗୁଡ଼ିକର ଚର୍ଚ୍ଚା କରିବାର ଉଦ୍ଦେଶ୍ୟ, ଆମର ମାର୍ଗ ଦର୍ଶନ କରାଇବା ଅଟେ । ଏଠାରେ ଏହିପରି ଏକ କାହାଣୀର ଚର୍ଚ୍ଚା କରୁଅଛି ।

ହଜରତ ମୁସଲେଃ ମଉଦ[ର.ଅ] ଲେଖିଛନ୍ତି କି ହଜରତ ମସିହ ମଉଦ[ଆ.ସ] ଏକ ମାଳିଆଣୀର ଉଦାହରଣ ଦେଇ କୁହନ୍ତି -ଏକ ମାଳିଆଣୀର ଦୁଇଟି ଝିଅ ଥିଲେ । ଗୋଟିଏ କୁମ୍ଭାର ଘରେ ଓ ଅନ୍ୟଟି ମାଳି ଘରେ ବିଭା ହୋଇଥିଲେ । ମାଳିଆଣୀ ଯେତେବେଳେ ମେଘ ଆସିବାର ଦେଖେ ପାଗଳ ପରି ଘୂରିବୁଲେ । ଲୋକମାନେ କାରଣ ପଚାରିଲେ କୁହେ ମୋର ଗୋଟିଏ ଝିଅ ଛାରଖାର ହୋଇଗଲା, କାରଣ ବର୍ଷା ହେଲେ କୁମ୍ଭାର ଘରେ ବିଭା ହୋଇଥିବା ଝିଅ କୌଣସି ଜିନିଷ ତିଆରି ନକରିପାରିବା ଯୋଗୁଁ ତାଙ୍କର କାରବାର ବନ୍ଦ ହୋଇଯିବ ଏବଂ ଯଦି ବର୍ଷା ନହୁଏ ତେବେ ମାଳି ଘରେ ବିଭା ହୋଇଥିବା ଝିଅ ଛାରଖାର ହୋଇଯିବ କାରଣ ବର୍ଷା ଅଭାବରୁ ତାଙ୍କର ଫସଲ ନଷ୍ଟ ହୋଇଯିବ । ତେବେ ଯାହା ହେଉ ଯଦି ହୋଇଗଲା ତେବେ କୁମ୍ଭାର ସ୍ତ୍ରୀର ବାସନ ଖରାବ ହୋଇଯିବ ।**( ଖୁତ୍‌ବାତେ ମହମୁଦ ଖଣ୍ଡ- ୩,ପୃଷ୍ଠା-୨୧୧ )**

ଏହା ଏକ ସାଧାରଣ କଥା କିନ୍ତୁ ହଜରତ ମସିହ ମଉଦ[ଆ.ସ]ଙ୍କ ଏହାର ଚର୍ଚ୍ଚାରେ ଉଦ୍ଦେଶ୍ୟ,ଏକଦା କାଦିଆନରେ ଦୁଇ ଅହମଦିଙ୍କ ମଧ୍ୟରେ ବିବାଦ ଲାଗିଲା । ସମସ୍ତେ ତାଙ୍କୁ ବୁଝାସୁଝା କଲେ କିନ୍ତୁ ସେମାନେ ନିଷ୍ପତି ନିମନ୍ତେ ଅଦାଲତକୁ ଯିବାକୁ ସ୍ଥିର କଲେ । ଅତଏବ ଯେତେବେଳେ ମକଦ୍ଦମାର ତାରିଖ ଆସେ ସେମାନେ ନିଜେ କିମ୍ବା ତାଙ୍କର କେହି ସମ୍ପର୍କୀୟ ହୁଜୁରଙ୍କ ନିକଟରେ ଉପସ୍ଥିତ ହୋଇ ଦୁଆ କରିବାକୁ ନିବେଦନ କରନ୍ତି । ଏଥିରେ ହୁଜୁର କୁହନ୍ତି ଦୁଇ ପକ୍ଷ ମୋର ମାନ୍ୟକାରୀ । ତେଣୁ କାହାର ଜିତିବା ଏବଂ କାହାର ହାରିବା ପାଇଁ ଦୁଆ କରିବି । ମୁଁ ଦୁଆ କରୁଛି,ଯେ ସତ୍ୟବାଦୀ ତାହା ସପକ୍ଷରେ ନିଷ୍ପତି ହେଉ ।

ଆଜି କାଲି ଏହି ବି ଏହି ସମସ୍ୟା । ଯେବେ ଅହମଦି ଜଣେ ଅନ୍ୟ ଜଣ ଉପରେ କଜାରେ ବା ଅଦାଲତରେ କେସ କରୁଛନ୍ତି । ସେ ସମୟରେ ଦୁଆ ପାଇଁ ମଧ୍ୟ ଲେଖିଦେଉଛନ୍ତି । ଏଭଳି ଦୁଆ ପାଇଁ କହିବା ତ ଏପରି ଅଟେ ଯେପରି ବର୍ଷା ହେବ ବା ନାହିଁ ଭଳି । ଅଥବା କୁମ୍ଭାର ସହ ବିବାହ ହୋଇଥିବା କନ୍ୟାକୁ ବିପଦ ଆସିବ ବା ମାଳି ସହ ବିବାହ ହୋଇଥିବା କନ୍ୟାକୁ ବିପଦ ଆସି ପହଂଚିବ । କେହି ନା କେହି ବିପଦରେ ପଡ଼ିବେ । ଏଠାରେ ଏକଥା ବି ସ୍ପଷ୍ଟ କରିଦେବାକୁ ଚାହୁଛି ଯେ ଏ ଉଦାହରଣରୁ କେହି ଏହା ଭାବି ନ ନେଉ ଯେ ଯଦି ହଜରତ ମସିହ ମଉଦ[ଅ.ସ]ଙ୍କ ସମୟରେ ମକଦ୍ଦମା କରାଯାଉଥିଲା । ତେବେ ଯଦି ଆଜି ବି ମକଦ୍ଦମା ହେଉଛି,ତେବେ କୌଣସି କଥା ନୁହେଁ ଏହା ଠିକ ଅଟେ । ଦେଖ ଅଦାଲତକୁ ଯିବା ମନା ନାହିଁ କିନ୍ତୁ ଯଦି ମିଳିବସି ସମାଧାନ କରାଯାଇପାରେ ସେତେବେଳେ ଅଯଥା ଅଦାଲତର ଦ୍ୱାରସ୍ଥ ହେବା ଏବଂ ନିଜ ଜିଦରେ ଅଟଳ ରହିବା ଉଚିତ ନୁହେଁ । ହଜରତ ମସିହ ମଉଦ[ଆ.ସ] ଏହା ପସନ୍ଦ କରନ୍ତି ନାହିଁ । ଏପରି ଜିଦଖୋର ପ୍ରବୃତିରୁ ନିବୃତ ରହିବା ଉଚିତ । ପୁଣି ଏଥିପାଇଁ ଜମାଅତର ମୁଖ୍ୟଙ୍କୁ ଦୁଆ କରିବାର ନିବେଦନ କରିବା,ତାଙ୍କୁ ଧର୍ମ ସଙ୍କଟରେ ପକାଇବା କଥା, ଯେତେବେଳେ ଉଭୟ ପକ୍ଷ ଗୋଟିଏ ସମ୍ପ୍ରଦାୟର ହୋଇଥିବେ ସେ କାହା ସପକ୍ଷ ଓ କାହା ବିପକ୍ଷରେ ପ୍ରାର୍ଥନା କରିବେ । ସେହି ଦୁଆ ହିଁ ହଜରତ ମସିହ ମଉଦ[ଅ.ସ] କରିଛନ୍ତି କି ଯିଏ ଯୋଗ୍ୟ ତାକୁ ହିଁ ଦିଆଯାଉ ।

ପୁଣି ଅଲ୍ଲାଃତାଲା ଆମକୁ ଆଉ ଏକ କର୍ତବ୍ୟ ପ୍ରତି ଧ୍ୟାନ ଆକୃଷ୍ଟ କରାଇଛନ୍ତି । ତାହାହେଲା ଅଲ୍ଲାଃତାଲା ଆମକୁ ପିତାମାତାଙ୍କ ସହ ସଦ୍‌ବ୍ୟବହାର ଓ ସମ୍ମାନ କରିବାର ଆଦେଶ ଦେଇଛନ୍ତି ଧାର୍ମିକ କର୍ତବ୍ୟ ସମ୍ପାଦନକୁ ଛାଡ଼ିଦେଲେ ଅନ୍ୟ ପ୍ରତ୍ୟେକ କ୍ଷେତ୍ରରେ ତାଙ୍କର ଆଜ୍ଞାକାରୀ ହେବା ଉଚିତ । ଏବଂ ତାଙ୍କ ପ୍ରତି ଯତ୍ନବାନ ହେବା ଉଚିତ୍ । ଏହା ମୋ ପ୍ରତି କଷ୍ଟକର ଓ ଦୁଃଖଦାୟକ ଅଟେ । କିନ୍ତୁ ଯଦି ଅଲ୍ଲାଃଙ୍କ ଉପାସନାରେ ସେମାନେ ବାଧା ଦିଅନ୍ତି, ତେବେ ତାଙ୍କୁ କୁହ କି ନିଃସନ୍ଦେହ ମୁଁ ତୁମର ସମ୍ମାନ କରୁଛି କିନ୍ତୁ ତୁମର ମୋତେ ଅଲ୍ଲାଃଙ୍କ ଉପାସନାରୁ ବଂଚିତ କରିବା ଠିକ୍ ନୁହେଁ,ଏଥିରେ ମୁଁ ତୁମର ଆଜ୍ଞାକାରୀ ହୋଇପାରିବି ନାହିଁ ।

ହଜରତ ମୁସଲେଃ ମଉଦ[ର.ଅ] କୁହନ୍ତି ପ୍ରତ୍ୟେକ ବ୍ୟକ୍ତି ନିଜ ପିତାମାତାଙ୍କ ସହ ଉତ୍ତମ ଆଚରଣ କରିବା ସହ ସେମାନଙ୍କର ଆଜ୍ଞାକାରୀ ହେବା ଉଚିତ । କିନ୍ତୁ ଦେଖିବାକୁ ମିଳୁଛି ଯେ ଅନେକ ଯୁବକ ଯୁବତୀ ନିଜ ପିତାମାତାଙ୍କର ସମ୍ମାନ କରିନଥାନ୍ତି । ଉଚ୍ଚ ପଦରେ ପ୍ରତିଷ୍ଠିତ ହେବା

ପରେ ନିଜ ଗରିବ ପିତାମାତାଙ୍କ ସହ ସାକ୍ଷାତ କରିବାରେ କୁଣ୍ଠାବୋଧ ଅନୁଭବ କରନ୍ତି । ହଜରତ ମସିହ ମଉଦ[ଅ.ସ] ଶୁଣାଇଥାନ୍ତି, ଯେ କେହି ଜଣେ ହିନ୍ଦୁ ବହୁତ ଦୁଃଖ କଷ୍ଟ ସହ୍ୟ କରି ନିଜ ପୁତ୍ରକୁ ବି.ଏ.ଏବଂ ଏମ୍.ଏ କରାଇଲା । ସେହି ଡ଼ିଗ୍ରି ନେବା ପରେ ସେ ଡ଼େପୁଟି ହୋଇଗଲା । ସିଭିଲ ସର୍ଭିସକୁ ଚଲିଗଲା । ସେ ସମୟରେ ଡ଼େପୁଟି ପଦବିରେ ରହିବା ବହୁତ ବଡ଼ କଥା ଥିଲା । ଯଦିଓ ଆଜିର ସମାଜରେ ଏହାର ସେତେଟା ଗୁରୁତ୍ୱ ନାହିଁ । ଏକଦା ତା' ବାପାର ମନେ ହେଲା ଯେ ମୋ ପୁଅ ଡ଼େପୁଟି ହୋଇଗଲାଣି ମୁଁ ବି ତା' ସହ ସାକ୍ଷାତ କରି ଆସିବି । ସୁତରାଂ ସେ ହିନ୍ଦୁ ଜଣକ ତା ପୁଅ ସହ ସାକ୍ଷାତ କରିବା ପାଇଁ ସଭାରେ ପହଂଚିଗଲା । ସେ ସମୟରେ ତା ପୁଅ ପାଖେ ଓକିଲ ଓ ବାରିଷ୍ଟର ମାନେ ବସିଥିଲେ । ସେ ମଧ ନିଜ ମଇଳା ଧୋତି ସହ ଏକ ପାର୍ଶ୍ୱରେ ବସିଗଲା । କଥା ଚାଲିରହିଲା । ସେମାନଙ୍କ ମଧ୍ୟରୁ କାହାରିକୁ ସେହି ବ୍ୟକ୍ତିର ସେଠାରେ ବସିବା ଖରାପ ଲାଗିଲା । ସେ କହିଲା ଆମ ସଭାରେ ଏ ବ୍ୟକ୍ତି ଜଣକ କିଏ ? ଡେପୁଟି ସାହେବ ତାଙ୍କ କଥା ଶୁଣି ଲଜ୍ଜିତ ହେଲେ । ଲଜ୍ଜାରୁ ବଂଚିବା ପାଇଁ କହିଉଠିଲେ ଏ ବ୍ୟକ୍ତି ଜଣକ ଆମକୁ ଖାଇବାକୁ ଆଣି ଦେଉଛି । ବାପ ପୁଅର ଏ କଥା ଶୁଣି ରାଗରେ ଜଳିଉଠିଲା । ଏବଂ ନିଜ ଚାଦର ସମ୍ଭାଳି ଧରି କହିଲା ସଜନ ମୁଁ ତାଙ୍କ ଖାଇବାକୁ ଆଣିବାବାଲା ନୁହେଁ ତାଙ୍କ ମାଁର ଖାଇବାକୁ ଆଣିଦେବା ବାଲା । ସାଥବ ଲୋକମାନଙ୍କୁ ଯେତେବେଳେ ଜଣା ପଡ଼ିଲା କି ଏ ବ୍ୟକ୍ତି ଜଣକ ଡେପୁଟିବାବୁଙ୍କ ବାପା ଅଟନ୍ତି ସେମାନେ ତାଙ୍କୁ ବହୁତ ଛି ଛାକର କଲେ କରି କହିଲେ ଯଦି ତୁମେ ପୂର୍ବରୁ ତାଙ୍କ ବିଷୟରେ କହିଦେଇଥାନ୍ତ ତେବେ ଆମେ ତାଙ୍କର ଉଚିତ୍ ସେବା ଓ ସମ୍ମାନ କରିଥାନ୍ତୁ । ସମ୍ମାନର ସହ ତାଙ୍କୁ ବସିବାକୁ ଦେଇଥାନ୍ତୁ । ଯାହା ହେଉନା କାହିଁକି ଏପରି ବି ଦୃଶ୍ୟ ଦେଖବବାକୁ ମିଳିଥାଏ । ଯଦି ବନ୍ଧୁବାନ୍ଧବ ଗରିବ ହୋଇଥାନ୍ତି ତେବେ ଲୋକମାନେ ସେହି ବନ୍ଧୁବାନ୍ଧବଙ୍କ ସହ ମିଳାମିଶା କରିବାକୁ ବାରଣ କରିଥାନ୍ତି । ସେ ବାପା ହୋଇଥାଉ ବା ଅନ୍ୟ କୌଣସି ବନ୍ଧୁବାନ୍ଧବ ଯଦ୍ୱାରା ତାଙ୍କ ଉଚ୍ଚ ପାହିଆରେ କୌଣସି ବାଧା ସୃଷ୍ଟି ନହେଉ । ଏପରି କି ମାଁ ବାପାଙ୍କର ସମ୍ମାନ ବା ଅନ୍ୟ ସମ୍ମାନଜନକ ବନ୍ଧୁବାନ୍ଧବଙ୍କ ସହ ମିଶମିଶା ବା ସମ୍ମାନ କରିବାକୁ ବାରଣ କରୁଛନ୍ତି । ମାଁ ବାପାଙ୍କର ନାମ ଉଜ୍ଜ୍ୱୋଳ କରିବା ପରିବର୍ତେ ତାଙ୍କ ନାମକୁ କଳଙ୍କିତ କରୁଛନ୍ତି । **(ତଫ୍‌ସିର୍ କବିର୍ ଖଣ୍ଡ-୭,ପୃଷ୍ଠା-୫୯୩)**

ଏକଦା ହଜରତ ମୁସଲେଃ ମଉଦ[ର.ଅ] କୁହନ୍ତି-କେତେକ ଲୋକ ପ୍ରମୁଖ ବକ୍ତା ଓ ଜ୍ଞାନୀମାନଙ୍କ ବକ୍ତୃତା କ୍ଷଣିକ ଆନନ୍ଦ ଉପଭୋଗ କରିବା ନିମନ୍ତେ ଶୁଣିଥାନ୍ତି । ହଜରତ ମସିହ ମଉଦ[ଆ.ସ] ମଧ୍ୟ ଏହା କହିଛନ୍ତି ଯେ କେତେକ ଲୋକ ସମ୍ମିଳନୀମାନଙ୍କରେ କେବଳ ଏଥିପାଇଁ ଯୋଗ ଦେଇଥାନ୍ତି କି ଅମୁକ ବକ୍ତା ଭାରି ଭଲ,କେବଳ ତାଙ୍କରି ବକ୍ତୃତା ହିଁ ଶୁଣିବା । ବରଂ ତୁମକୁ ଦେଖିବା ଉଚିତ ଯେ,ସମ୍ମିଳନୀରେ କ'ଣ ଚର୍ଚ୍ଚା ଚାଲିଛି ଏବଂ ସେଥିରୁ ଆମକୁ କ'ଣ ଉପକାର ମିଳିବ । ସେମାନଙ୍କ ପରି ହୁଅ ନାହିଁ ଯେଉଁମାନେ ନା ବକ୍ତା କଥାର ଗଭୀରତାକୁ ବୁଝିପାରନ୍ତି ନା ତାର ଉଦ୍ଦେଶ୍ୟ,କେବଳ କ୍ଷଣିକ ଆନନ୍ଦ ଲାଭ କରିବା ନିମନ୍ତେ ସମ୍ମିଳନୀରେ ବସିଥାନ୍ତି । ସେହିପରି କେତେକ ବକ୍ତା ନିଜର ସୁନାମ ଅର୍ଜନ ନିମନ୍ତେ ଶ୍ୱର ବଦଳାଇ ଭାବ ପ୍ରବଣତାର ସହିତ ଜବଦସ୍ତ ଭାଷଣ ଦେବାକୁ ଚେଷ୍ଟା କରିଥାନ୍ତି । ହଜରତ ମସିହ ମଉଦ[ଆ.ସ] ଏହିପରି ଜଣେ ବକ୍ତାର ଚର୍ଚ୍ଚା କରି କୁହନ୍ତି- ଏକଦା ସେ ଭାଷଣ ଦେବାକୁ ଛିଡା ହେଲେ । ତାଙ୍କର ବିଷୟ ବସ୍ତୁ ମଧ ପ୍ରଭାବଶୀଳ ଥିଲା । ଜଣେ କୃଷକ ତାଙ୍କର ଭାଷଣ ଶୁଣୁଥାନ୍ତି । ସେଠାରେ ବସିଥିବା କୌଣସି ବ୍ୟକ୍ତି ଉପରେ ଉକ୍ତ ବକ୍ତୃତାର କୌଣସି ପ୍ରଭାବ ପଡିଲା ନାହିଁ କିନ୍ତୁ କୃଷକ ଜଣକ କିଛି କ୍ଷଣରେ କାନ୍ଦିବାକୁ ଲାଗିଲେ । ଏହା ଦେଖି ବକ୍ତା କହିବା ଆରମ୍ଭ କଲେ କି ଦେଖ ମୋର ବକ୍ତୃତା ତାଙ୍କୁ କିପରି ପ୍ରଭାବିତ କଲା ଯେ, ସେ ଭାବ ବିହ୍ୱଳ ହୋଇ କାନ୍ଦିଚାଲିଛନ୍ତି । ଯେତେବେଳେ ତାଙ୍କୁ ପଚରାଗଲା କି କେଉଁ କଥାରେ ତୁମେ ପ୍ରଭାବିତ ହୋଇ,ଏପରି କାନ୍ଦୁଛ ? ସେ କହିଲେ କାଲି ମୋ ମଇଁଷି ଏହିପରି କରୁଣ ଯନ୍ତ୍ରଣା ଭୋଗକରି ମରିଗଲା । ଆଜି ଆପଣଙ୍କର ଶ୍ୱର ଶୁଣି ମୋର ତା କଥା ମନେପଡିଗଲା । ତେଣୁ କରି ମୁଁ ନିଜକୁ ସମ୍ଭାଳି ପାରିଲି ନାହିଁ । ଏପରି ଉକ୍ତ ବକ୍ତାର ଲୋକ ଦେଖାଣିଆ ଭାବ ପ୍ରବଣତା ଦୂର ହେବା ସହ ସେ ଲୋକଙ୍କ ଗହଣରେ ଅପମାନିତ ହେଲେ । **(ଖୁତ୍‌ବାତେ ମହମୁଦ,ଖଣ୍ଡ-୬,ପୃଷ୍ଠା-୧୩୭)**

ସେହି ବ୍ୟକ୍ତିର ଭାବନା ତ ପ୍ରକଟ ହେଲା କିନ୍ତୁ ବକ୍ତାର ଜୋରଦାର ଶବ୍ଦ ଉଚ୍ଚାରଣରେ ଏବଂ କେବେକେବେ ପ୍ରଭାବ ପକାଇବା ଚେଷ୍ଟାରେ ନିଜ କଣ୍ଠରୁ ଅଦ୍ଭୁତ ପ୍ରକାରର ସ୍ୱର ବାହାରିବା ଯୋଗୁଁ ତାକୁ ତା ମଉଁଷିର ଛୁଆ ଯେକି ମୃତ୍ୟୁ ସମୟରେ ଅଦ୍ଭୁତ ପ୍ରକାରର ଶବ୍ଦ ବାହାର କରି ମରିଥିଲା,ତାର ମନେ ପଡ଼ିଗଲା । ବକ୍ତାକୁ ଯେଉଁ ନିଜ ବକ୍ତବ୍ୟର ଭୁଲ ଧରଣା ହୋଇ ଯାଇଥିଲା କି ମୋର ପ୍ରଭାବଶାଳୀ ଭାଷଣ ଶୁଣି ଇଏ ସମ୍ଭବତଃ କାନ୍ଦି ପଡ଼ିଥିଲା । ତାର ଦେଖାଣିଆ, ଗଢାଣିଆ ଶୀଘ୍ର ଦୂର ହୋଇଗଲା । ଆମମାନଙ୍କ ବିରୁଧରେ ମଧ ଅଣଅହମଦି ମୌଲବିମାନେ ଏହିପରି ଭାବ ପ୍ରବଣ ହୋଇ ଭାଷଣ ଦେଇଥାନ୍ତି । ଯାହା ହେଉ ଏପରି ତ ସେହି ଲୋକମାନଙ୍କର କାମ । ବିଶେଷ କରି ଯେବେ ସେମାନଙ୍କୁ ଅହମଦୀୟତ ବିରୁଧରେ କହିବାକୁ ଉତ୍‌ତେଜିତ ହୋଇଥାନ୍ତି । ଯେଉଁ ଲୋକମାନେ ପାକିସ୍ତାନରେ ଅଛନ୍ତି ବା ପାକିସ୍ତାନରୁ ଏବେ ଆସିଛନ୍ତି ସେମାନଙ୍କୁ ଜଣା ଥିବ ଯେଉଁମାନେ ସେମାନଙ୍କର ଭାଷଣ ଶୁଣିଥିବେ ଯେ କିପରି ଏବଂ କେଉଁ ଭଳି ସେମାନଙ୍କର ଭାଷଣ ହୋଇଥାଏ ।

ଅଲ୍ଲାଃତାଲାଙ୍କର ଆମ ଉପରେ ଅଶେଷ କୃପା ଯେ,ସେ ଆମକୁ ହଜରତ ମସିହ ମଉଦ[ଆ.ସ]ଙ୍କୁ ସ୍ୱୀକାର କରିବାର ସୌଭାଗ୍ୟ ପ୍ରଦାନ କଲେ,ନଚେତ ଇସଲାମ ନାମରେ ପୀର୍‌ମାନେ ଯେଉଁ ଦୋକାନ ଖୋଲି ବସିଛନ୍ତି । ସମ୍ଭବତଃ ଆଜି ଆମେ ମଧ ତାର ବଶବର୍ତୀ ହୋଇଥାନ୍ତେ । ଏ ପୀରମାନେ ତ ନିଜକୁ ବହୁତ ଉଚ୍ଚକୋଟିର ବୋଲି ଦାବୀ କରୁଛନ୍ତି । ଏମାନେ କହୁଛନ୍ତି ଆମ୍ଭେମାନେ ନିଜ ଦୁଆ ବଳରୁ ନିଜ ଆବଶ୍ୟକତାଗୁଡ଼ିକୁ ପୂରଣ କରିନେଉଛୁ । ଆମକୁ ଆଉ ଅନ୍ୟ କିଛି ଆବଶ୍ୟକତା ନାହିଁ । ଅଲ୍ଲାଃତାଲାଙ୍କ ସହ ଆମର ବହୁତ ଘନିଷ୍ଟ ସଂପର୍କ ଅଛି । ଏବଂ ସଂସାର ଠାରୁ ଆମର ସଂପର୍କ ବିଚ୍ଛିନ୍ନ । କିନ୍ତୁ ସେମାନଙ୍କର କାର୍ଯ୍ୟ କଳାପ କ'ଣ ? ଏ ସଂବନ୍ଧରେ ହଜରତ ମସିହ ମଉଦ[ଅ.ସ] ଜଣେ ବ୍ୟକ୍ତି ବିଷୟରେ କୁହନ୍ତି; ସେ ନିଜକୁ ଏକ ବିଶେଷ ଉଚ୍ଚାସନରେ ଅଧିଷ୍ଠିତ ବୋଲି ଭାବୁ ଥିଲା । ଏକଦା ସେ ଜଣେ ଅନୁଗାମୀ ବ୍ୟକ୍ତି ପାଖକୁ ଯାଇ କହିଲା ମୋ ପାଉଣା ଆଣ । ଅର୍ଥାତ୍ ମୋତେ ଦକ୍ଷିଣା ଦିଅ । ଦୁର୍ଭିକ୍ଷ ସମୟ ଥିଲା । ଅନୁଗାମୀ ଜଣକ କହିଲା କିଛି ନାହିଁ । ଏଥର କ୍ଷମା କରିଦିଅନ୍ତୁ । ପୀର ସାହେବ ବହୁ ସମୟ ପର୍ଯ୍ୟନ୍ତ ଭିଡ଼ାଟଣା କଲେ । ପରିଶେଷରେ ଅନୁଗାମୀ ଜଣକ ନିଜର କିଛି ସାମଗ୍ରୀ ବିକ୍ରି କରି ପାଉଣା ଦେବାକୁ ପଡ଼ିଲା । ତେବେ ଯାଇ ପୀରବାବାଙ୍କ ଠାରୁ ରକ୍ଷା ମିଳିଲା । ଯେଉଁମାନେ ଏପରି ବଡ଼ବଡ଼ ଦାବୀ କରୁଛନ୍ତି ସେମାନଙ୍କ ଠାରେ ଏପରି ଦୁର୍ନିତି ଓ ଅବହେଳା ଦେଖିବାକୁ ମିଳିଥାଏ । **(ଜିକ୍‌ରେ ଇଲାହି,ଅନ୍‌ୱାରୁଲ ଓ୍ୱଲୁମ୍,ଖଣ୍ଡ-୩,ପୃଷ୍ଠା-୪୯୪-୪୯୫)**

ଏହା ସେ ସମୟର କୌଣସି ପୁରୁଣା କଥା ନୁହେଁ । ବରଂ ଆଜି ମଧ ପାକିସ୍ତାନ ଭଳି ଦେଶଗୁଡ଼ିକରେ ଏପରି ପୀରବାବାମାନେ ଅଛନ୍ତି । ପବିତ୍ର କୋରାନରେ ଯେଉଁ ସବୁ ଜ୍ଞାନ ଓ ବିଜ୍ଞାନ ବର୍ଣ୍ଣନା କରାଯାଇଛି । ପବିତ୍ର କୋରାନ ସମସ୍ତ ପ୍ରକାରର ଜ୍ଞାନ ଧାରଣ କରିଛି । ଏହା ଅଲଭା କଥା ଯେ ଆମେମାନେ ନିଜ ଅଳ୍ପ ଜ୍ଞାନ ଓ ସଠିକ ଅନୁସଂଧାନ ନ କରିବା ଯୋଗୁଁ ଅଧିକାଂଶ ତାର ଗର୍ଭରେ ବୁଡ଼ିପାରୁ ନାହାନ୍ତି । ହଜରତ ମୁସଲେଃ ମଉଦ[ର.ଅ] କୁହନ୍ତି; ମୋର ମନେ ଅଛି ଏକଦା ହଜରତ ମସିହ ମଉଦ[ଅ.ସ] କହିଥିଲେ ସମସ୍ତ ପ୍ରକାର ଡ଼ାକ୍ତରୀ ସିଦ୍ଧାନ୍ତ ପବିତ୍ର କୋରାନରେ ବର୍ଣ୍ଣନା କରାଯାଇଛି । ଏବଂ ସଂସାରର ସମସ୍ତ ପ୍ରକାରର ରୋଗବ୍ୟାଧିର ନିରାକରଣ ପବିତ୍ର କୋରାନରେ ଉଦ୍ଧିଷ୍ଟ । ଆପଣ କୁହନ୍ତି; ହୋଇପାରିଥାଏ ମୋତେ ପବିତ୍ର କୋରାନର ଏ ଦିଗ ପ୍ରତି କୌଣସି ଧ୍ୟାନ ହୋଇପାରି ନଥାଏ । ଏବଂ ହୋଇପାରିଥାଏ ମୋର ଜ୍ଞାନ ଏପର୍ଯ୍ୟନ୍ତ ସେପର୍ଯ୍ୟନ୍ତ ପହଂଚି ପାରି ନଥାଏ । କିନ୍ତୁ ଯାହା ହେଉ(ଯେତେ ବି ଜ୍ଞାନ ଅଛି ) ନିଜ ଜ୍ଞାନ ଓ ବଡ଼ ଲୋକଙ୍କ ଅନୁଭୁତିକୁ ମିଳାଇ ମୁଁ କହିପାରେ ଯେ ପବିତ୍ର କୋରାନ କୁ ଛାଡ଼ି ଆମକୁ ଆଉ ବାହ୍ୟ କୌଣସି ଜ୍ଞାନର ଆବଶ୍ୟକତା ନାହିଁ ।

**(ଖୁତ୍‌ବାତେ ମହମୁଦ୍,ଖଣ୍ଡ- ୧୩,ପୃଷ୍ଠା-୫୦୩)**

ସୁତରାଂ ପବିତ୍ର କୋରାନକୁ ଖୁବ ଗଭୀରତାର ସହ ପାଠ କରିବା ସହ ହଜରତ ମସିହ ମଉଦ[ଆ.ସ] ଓ ହଜରତ ମୁସଲେହ ମଉଦ[ର.ଅ]ଙ୍କ କୋରାନର ବ୍ୟାକ୍ଷା, ପୁଣି ଖଲିଫାମାନେ କରିଥିବା କେତେକ ପଂକ୍ତିଗୁଡିକର ବ୍ୟାକ୍ଷା ଅଧ୍ୟୟନ କରିବା ଉଚିତ । ଯଦ୍ୱାରା ଆମକୁ ଜ୍ଞାନ ଓ ରହସ୍ୟର ନୂତନ ସୁତ୍ରର ସନ୍ଧାନ ମିଳିପାରିବା ପାଇଁ ଚେଷ୍ଟା କରିବା ଉଚିତ୍ ।

କେତେକ ଲୋକ ଜ୍ଞାନ ହାସଲ କରିବା ପରେ ଚିନ୍ତା କରିଥାନ୍ତି କି ଆମକୁ ଅନ୍ୟ କୌଣସି ଜିନିଷ କିମ୍ବା ଅଭିଜ୍ଞତାର ଆବଶ୍ୟକତା ନାହିଁ । ନା ଅନ୍ୟ କାହାର ମତାମତ ଲୋଡା । ସେମାନଙ୍କୁ ମନେରଖିବା ଉଚିତ ଯେ ଜ୍ଞାନ ଅର୍ଜନ କରିବା ସହ ଅଭିଜ୍ଞତା ମଧ ନିତ୍ୟାନ୍ତ ଦରକାର । ଯଦି କେହି ବହି ପଢି ଡାକ୍ତର ହେବାକୁ ଇଚ୍ଛା କରେ ତେବେ ଏହା ସମ୍ଭବ ନୁହେଁ । ତେଣୁ ଡାକ୍ତରୀ ବିଜ୍ଞାନର ପୁସ୍ତକ ଅଧ୍ୟୟନ କରିବା ସହ ଜଣେ ଅଭିଜ୍ଞ ଡାକ୍ତର ସହ ରହି ରୋଗୀମାନଙ୍କୁ ଦେଖିବା,ରୋଗ ଅନୁଯାୟୀ କି ପ୍ରକାରର ଔଷଧ ସେବନ କରିବାର ନିର୍ଦ୍ଦେଶ ଦିଆଯାଉଛି ଅନୁଧ୍ୟାନ କରାଯାଇଥାଏ । ଦେଖ କଲେଜମାନଙ୍କରେ ମଧ ଡାକ୍ତରୀ ଶିକ୍ଷା ଦେବା ସହ ଅଭିଜ୍ଞ ଡାକ୍ତରମାନେ ପ୍ରାକ୍ଟିକାଲର ଶିକ୍ଷା ଦେଇଥାନ୍ତି । ଯଦି ଏପରି ନକରାଯାଏ ତେବେ ଅଭିଜ୍ଞତା ହାସଲ ହୋଇ ନଥାଏ । ତେଣୁ ଜଣେ ସଫଳ ଡାକ୍ତର ହେବା ପାଇଁ ପୂର୍ଣ ଜ୍ଞାନ ହାସଲ କରିବା ସହ ଅଭିଜ୍ଞତା ନିତ୍ୟାନ୍ତ ଦରକାର । କାର୍ଯ୍ୟ ବିନା ଜ୍ଞାନ ଉପଯୋଗି ହୋଇ ନଥାଏ ।

ହଜରତ ମସିହ ମଉଦ[ଅ.ସ] ଏହି ଜ୍ଞାନ ଓ କର୍ମ ବିଷୟରେ ଶୁଣାନ୍ତି ଯେ ଜଣେ ବଡ଼ ଜ୍ଞାନି ଡ଼ାକ୍ତର ଥିଲା । ସେ ଡ଼ାକ୍ତିରୀ ଜ୍ଞାନ ଖୁବ ଅର୍ଜନ କରିଥିଲା । ସେ ରାଜା ରଣଜିତ ସିଂଙ୍କ ଖ୍ୟାତି ଶୁଣି ଦିଲ୍ଲୀରୁ ତା ଦରବାରରେ ଯାଇ ପହଂଚିଲା । ହୋଇପାରେ ଏତଦ୍ୱାରା ତାର କୌଣସି ଉନ୍ନତି ହୋଇପାରେ । ରଣଜିତ ସିଂଙ୍କ ମନ୍ତ୍ରୀ ଜଣେ ମୁସଲମାନ ଥିଲା । ସେ ତାଙ୍କ ସହିତ ସାକ୍ଷାତ କଲା । ଏବଂ ତା ମାଧମରେ ରାଜାଙ୍କ ସହ ସାକ୍ଷାତ କରିବାର ସୁଫାରିଶ ଚାହିଲା । ମନ୍ତ୍ରୀକୁ ଶଙ୍କା ହେଲା କି ଯଦି ଏହାର ଖ୍ୟାତି ହୋଇଯିବ ତେବେ ମୁଁ ହୋଇପାରେ ତଳକୁ ଖସି ନଯାଏ । ଏବଂ ଡ଼ାକ୍ତରଙ୍କ ସୁଫାରିଶ ନକରିବା ବି ନିଜ ସମ୍ମାନ ହାନୀର କାରଣ ହେବ ବୋଲି ଭାବିଲା । ଡ଼ାକ୍ତର ବାବୁଙ୍କ କଥାରୁ ସେ ମନ୍ତ୍ରୀ କିଛି ଜାଣି ପାରିଲେ ଯେ ଡ଼ାକ୍ତି ବାବୁଙ୍କୁ ତ ଜ୍ଞାନ ଅଛି କିନ୍ତୁ ଅଭିଜ୍ଞତା ନାହିଁ । ରାଜା ରଣଜିତ ସିଂଙ୍କ ସହ ସାକ୍ଷୀ ପାଇଁ ସୁଫାରିଶ କରାଗଲା । ଏବଂ ମନ୍ତ୍ରୀ କହିଲେ ମହାରାଜ ଇଏ ବହୁତ ବଡ଼ ଜ୍ଞାନୀ । ସେ ଅମୁକ ପୁସ୍ତକ ପଢିଛନ୍ତି । ସେହି ମୁସଲମାନ ମନ୍ତ୍ରୀ ଜଣକ ସେହି ଡ଼ାକ୍ତର ଙ୍କର ବହୁତ ପ୍ରଶଂସାଗାନ କଲା । ମହାରାଜା କହିଲେ ମୋତେ ଏତିକି କୁହ କି ସେ କାହାରି ଚିକିତ୍ସା ବି ତ କରିଛନ୍ତି ? ଅଭିଜ୍ଞତା ହୋଇଛି କି ନାହିଁ? ରଣଜିତ ସିଂ ବହୁତ ବୁଦ୍ଧିମାନ ଥିଲେ । ସେ ଜାଣିପାରିଥିଲେ କି କୌଣସି ଜ୍ଞାନ, ବିନା କାର୍ଯ୍ୟକାରୀରେ ଫଳପ୍ରଦ ନୁହେଁ । ଏବଂ କହିଲେ କ'ଣ ଅଭିଜ୍ଞତା ପାଇଁ ଏ ଦରିଦ୍ର ରଣଜିତ ସିଂ ତୁମକୁ ମିଳିଲେ କି ? ଭଲ ହେବ ଯେ ଡ଼ାକ୍ତର ବାବୁଙ୍କୁ କିଛି ଅନୁଦାନ ଦେଇ ଛୁଟି କରିଦିଅ ।

**(ଖୁତ୍‌ବାତେ ମହମୁଦ୍, ଖଣ୍ଡ-୭,ପୃଷ୍ଠା- ୧୮-୧୯)**

ତେଣୁ ଜ୍ଞାନ ସହିତ କର୍ମର ଅଭିଜ୍ଞତା ହେବା ଆବଶ୍ୟକ । ଏବଂ ସଂସାରରେ ଏହାର ବହୁତ ମହତ୍ୱ ରହିଛି । ଯେକୌଣସି କ୍ଷେତ୍ରରେ ଲାନ ଅର୍ଜନ କରି ସାରିଲା ପରେ ଯଦି କାର୍ଯ୍ୟକାରୀ ଅଭିଜ୍ଞତା ଆସଲ କରା ନଯାଏ ତେବେ କେତେକ ପରିସ୍ଥିତି ଏପରି ଆସିଥାଏ ଯେ ଯେଉଁଠି କାମ କରୁଥିବାବସ୍ଥାରେ ଏହା ଜଣା ପଡ଼ି ନଥାଏ ଯେ ଏବେ ଆଗକୁ କ'ଣ କରିବାକୁ ହେବ ? ହାତ ଗୋଡ଼ ଫୁଲି ଯାଏ । ଜ୍ଞାନ ଥିବା ସତ୍ୱେ ଜଣେ ସମସ୍ୟା ସମ୍ମୁଖରେ ହୋଇଥାଏ । ଯେଉଁ ଅସୁବିଧା ହୋଇଥାଏ ତାହା ଦୂର ହୋଇ ନଥାଏ । ତେଣୁ ଯଦି ମନୁଷ୍ୟ କେବଳ ଜ୍ଞାନ ଅର୍ଜନ କରି ନିଜକୁ ଯେକୌଣସି କ୍ଷେତ୍ରରେ ପାରଙ୍ଗମ ବୋଲି ଭାବି ନେଉଛି । ତେବେ ତାକୁ ରଣଜିତ ସିଂଙ୍କର ଉତର ମିଳିବ ।

ଜମାତର ସାଧାରଣ ଉନ୍ନତି ପାଇଁ ମଧ ଏହା ନିତ୍ୟାନ୍ତ ଆବଶ୍ୟକ । ଏବଂ ଏହାର ବହୁତ ମହତ୍ୱ ଅଟେ ଯେ ଯୁବକମାନେ ଯେତେବେଳେ ନୂତନ ଜ୍ଞାନ ଅର୍ଜନ କରୁଛନ୍ତି, ତାର ଅଭିଜ୍ଞତାମୂଳକ ଜ୍ଞାନ ଅଧିକ ଅର୍ଜନ କରନ୍ତୁ । ନିଜ ଜ୍ଞାନକୁ ଅଭିଜ୍ଞକାରୀ ଲୋକମାନଙ୍କ ସହ ଜଡ଼ିତ କରି ପୁଣି ଜମାତର ଉନ୍ନତି ପାଇଁ ବ୍ୟବହାର କରନ୍ତୁ । ଲୋକମାନେ ବହୁତ କିଛି ମନ୍ତବ୍ୟ ଦେଇଥାନ୍ତି । ନୂଆ ଟେକନାଲୋଜି ଅଛି ତାକୁ ମଧ ବ୍ୟବହାର କରିବାରକୁ ହେବ । କେତେକ ସମୟରେ ଜ୍ଞାନ ହାସଲ କରିବା ପାଇଁ ତ ଠିକ ଅଛି କିନ୍ତୁ କେତେକ ସମସ୍ୟା ଏପରି ଅଛି ଯାହାକୁ ଦୂର କରିବା ଆବଶ୍ୟକ ଅଟେ । ଅଥବା ପୁଣି ଏପରି ବାଧା ସୃଷ୍ଟି ହୋଇ ପାରେ ଯାହା

ବିଷୟରେ ଚିନ୍ତା କରିବା ଉଚିତ୍ । ଏହାକୁ କେବଳ ଅନୁଭବି ଲୋକମାନେ କହିପାରିବେ ।

ଜଣେ ଅହମଦିର ବିଶ୍ୱାସ ସେତେବେଳେ ସୁରକ୍ଷିତ ହୋଇଥାଏ ଯେତେବେଳେ ସେ ଜମାଅତର ସଂଗଠନ ଓ ଖଲିଫାଙ୍କ ସହ ନିଜର ସମ୍ପର୍କକୁ ସୁଦୃଢ କରିଥାଏ । ସେଥିପାଇଁ ମାଧ୍ୟମଗୁଡିକ ସହ ଯୋଡିରହିବା ଉଚିତ । ଯଦ୍ଦ୍ୱାରା ଆମେ ଖଲିଫାଙ୍କ ଠାରୁ ସହସ୍ର କୋଶ ଦୂରରେ ବସି ମଧ୍ୟ ସମ୍ପର୍କ ଭଙ୍ଗର କୌଣସି ଆଶଙ୍କା ନଥାଏ । ହଜରତ ମୁସଲେହ ମଉଦ[ର.ଅ] ଏଥି ସମ୍ବନ୍ଧରେ କୁହନ୍ତି ଜମାଅତର କାର୍ଯ୍ୟରେ ଜଣେ କଦାପି ଉନ୍ନତି ହାସଲ କରିପାରିବ ନାହିଁ ବରଂ ଏପରି କହିବା କଥା କି ଜୀବିତ ରହିପାରିବ ନାହିଁ ଯେପର୍ଯ୍ୟନ୍ତ ଜମାଅତର ମୁଖ୍ୟ ସହ ସମ୍ପର୍କ ଯୋଡି ନାହିଁ । ବର୍ତମାନ ଯୁଗରେ ଖବର କାଗଜ ଓ ଅନ୍ୟାନ୍ୟ ମାଧ୍ୟମ ଦ୍ୱାରା ଜଣେ ସଂସାରର କୌଣସି ସ୍ଥାନରେ ବସିଥାଉ ନା କାହିଁକି ଏପରି ମନେହେଉଛି ଯେମିତି ପରସ୍ପର ସମ୍ମୁଖରେ ବସିଛନ୍ତି । ଏହାର ଏପରି ଉଦାହରଣ ଅଟେ ଯେପରି ମୁଁ ଏବେ କହୁଛି । ସେ ସମୟରେ ଆପଣ କୁହନ୍ତି ; ଏବେ ମହିଳାମାନଙ୍କର ଜଲସା ହେଉଛି । ଜଲସାର ଭାଷଣ ଅଟେ । ମହିଳାମାନେ ମାଇକ ମାଧ୍ୟମରେ ଭାଷଣ ଶୁଣୁଛନ୍ତି । ଯଦି ମାଇକ ମାଧ୍ୟମରେ ତାଙ୍କ ନିକଟକୁ ଶବ୍ଦ ଶୁଣା ଯାଇନଥାନ୍ତା ତେବେ ସେମାନଙ୍କୁ କୌଣସି ଜ୍ଞାନ ହୋଇପାରି ନଥାନ୍ତା କି କ'ଣ କୁହାଯାଉଛି । ତେଣୁ ମହିଳାମାନଙ୍କୁ ମାଇକ ମୋ ନିକଟତର କରିଦେଇଛି । ଏଠାରେ ବି ଏବେ ମାଇକ ମାଧ୍ୟମରେ,ମହିଳାମାନଙ୍କ କୋଠରୀରେ ଶବ୍ଦ ସଂଚାର ହେଉଛି । ସେମାନେ ମଧ୍ୟ ଶୁଣୁଛନ୍ତି । ଏହା ମଧ୍ୟ ଏକ ପ୍ରକାର ନିକଟତର ।

ସେହିଭଳି ଦୂରଦୂରାନ୍ତରରେ ବାସ କରୁଥିବା ଲୋକମାନଙ୍କ ପାଇଁ ସଂପ୍ରଦାୟ ସହ ଜଡ଼ିତ ରହିବାର ଏକ ମାତ୍ର ମାଧ୍ୟମ ଦୈନିକ ଖବର କାଗଜ । ହଜରତ ମସିହ ମଉଦ[ଅ.ସ] କହୁଥିଲେ ଅଲ୍ ହକମ୍ ଏବଂ ବଦର୍ ଆମର ଦୁଇଗୋଟି ହସ୍ତ । ଯଦିଓ କି କେତେକ ସମୟରେ ଏ ଖବର କାଗଜ ଏପରି ଖବର ପ୍ରକାଶିତ କରି ଦେଉଥିଲେ କି ଯାହା ଦୁଃଖଦାୟକ ହେଉଥିଲା । ଯେହେତୁ ସେହି ଦୁଃଖଦାୟକ ଖବରର ଲାଭ ସେହି ଦୁଃଖ ଠାରୁ ଅଧିକ ଫଳପ୍ରଦ ହେଉଥିଲା । ସେଥଯୋଗୁଁ ହଜରତ ମସିହ ମଉଦ[ଅ.ସ] କୁହନ୍ତି; ଆମେ ଏପରି ହୃଦୟଙ୍ଗମ କରୁଛୁ କି ଏ ଦୁଇଗୋଟି ଖବର କାଗଜ(ଅଲ୍ ହକମ୍ ଏବଂ ବଦର୍ )ଆମର ଦୁଇଟି ହାତ । ଦୁଇଗୋଟି ହାତ ହେବାର ଅର୍ଥ ହେଲା ଏମାନଙ୍କ ଯୋଗୁଁ ଜମାତ ଲୋକ ଆମ ସହିତ ଜଡ଼ିତ ଅଟନ୍ତି । ପୁଣି ଆପଣ କୁହନ୍ତି;ସେ ସମୟରେ ହଜରତ ମସିହ ମଉଦ[ଅ.ସ] ଙ୍କ ସମୟରେ ଆମ ଖବର କାଗଜ ଆଡ଼କୁ ଜମାତ ଲୋକମାନଙ୍କର ବହୁତ ଧ୍ୟାନ ରହୁଥିଲା । ଯଦିଓ କି ସେ ସମୟରେ ଜମାତ ଆଜିକାର ସଂଖ୍ୟା ଠାରୁ ଦଶ ବା କୋଡ଼ିଏ ଭାଗର ଥିଲା । ଏବଂ ଏବେତ ସହେ ଭାଗ ବା ହଜାର ଭାଗର ଅଛି । ସୁତରାଂ ବଦର ଗ୍ରାହକ ଏକ ସମୟରେ,ସେ ସମୟରେ ଚୌଦ ସହ ବା ପନ୍ଦର ସହ ହୋଇ ଯାଇଥିଲା । ତା ପର ଠାରୁ ପୁଣି କମିବାରେ ଲାଗିଲା । ସେହି ଭଳି ଅଲ୍ ହକମ୍ର ସଂଖ୍ୟା ବଢିବାକୁ ଲାଗିଲା । ଜମାତର ଲୋକମାନେ ସେ ସମୟରେ ବହୁତ ଅଧିକ ମାତ୍ରାରେ ଜମାତି ଖବର କାଗଜ କିଣୁଥିଲେ । ବରଂ ଯେଉଁମାନେ ପଢା ଲେଖା ନଥିଲେ । ସେମାନେ ମଧ୍ୟ କୁଣୁ ଥିଲେ । ଏବଂ ଅନ୍ୟମାନଙ୍କୁ ପଢିବାକୁ ଦେଇ ଦେଉଥିଲେ । ଏବଂ ଭାବିନେଉ ଥିଲେ ଯେ ଏହା ମଧ୍ୟ ତବଲିଗର ଏକ ମାଧ୍ୟମ ଅଟେ । **(ଅନୱାରୁଲ୍ ଉ୍ଲୁମ୍,ଖଣ୍ଡ-୧୪,ପୃଷ୍ଠା- ୫୪୪-୫୪୫)** ବରଂ ଜଣେ ଅହମଦି ଘୋଡ଼ାଗାଡ଼ି ଚାଳକ ଥିଲା । ପଢାଲେଖା ନଥିଲେ । ସେ ଅଲ୍ ହକମ୍ ମଗାଇ ରଖିନେଉଥିଲେ । ଯେତେବେଳେ ତାଙ୍କ ଘୋଡ଼ାଗାଡ଼ିରେ ଯାତ୍ରୀକାନଙ୍କୁ ବସାଇ ନେଉଥିଲେ । ସେ ଯାତ୍ରୀର ମୁଖ ଦେଖି ଜାଣି ନେଉଥିଲେ ଯେ ସେ ଜଣେ ଭଦ୍ର ବ୍ୟକ୍ତି । ତାକୁ ଖବର କାଗଜ ଦେଇ କହୁଥିଲେ ଇଏ ଖବର କାଗଜ ଆସିଛି ମୋତେ ଟିକିଏ ପଢି ଶୁଣାଇ ଦିଅ । ସେହି ଭଳି ଯେତେବେଳେ ଯାତ୍ରୀ ଜଣକ ନିଜ ସ୍ଥାନରେ ପହଂଚି ଓହ୍ଲାଉ ଥିଲା ସେତେବେଳେ ଖବର କାଗଜର ନାମ ଓ ଠିକଣା ଟିପି ନେଉଥିଲେ । ଏହପରି ସେମାନେ ଜମାତ ସହ ସଂପର୍କରେ ଆସୁଥିଲେ । ଏବଂ ପରେ ବଏତ ମଧ୍ୟ କରୁଥିଲେ । ସେହି ସମୟରେ ଲୋକମାନେ କହୁଥିଲେ ସେ ପଢାଲେଖା ନଥିବା ସତ୍ୱେ ଏବଂ ଘୋଡ଼ାଗାଡ଼ି ଚଳାଉଥିବା ସତ୍ୱେ ସମସ୍ତଙ୍କ ଠାରୁ ଅଧିକ ବଏତ କରାଇଥିଲେ । ଏ ଯୁଗରେ ବର୍ତମାନ ଖଲିଫାଙ୍କ ସହ ଆମ ସମ୍ପର୍କକୁ ଆହୁରି ନିବିଡ କରିବାକୁ ଅଲ୍ଲାଃ ଏମ.ଟି.ଏ ର ସୁବ୍ୟବସ୍ଥା କରି ଦେଇଛନ୍ତି । ତେଣୁ ଏହାକୁ ଶୁଣିବାର ଅଭ୍ୟାସ କରିବା ଉଚିତ । ପୁଣି ଧର୍ମପ୍ରଚାର ବେଳେ ମଧ୍ୟ ଅନ୍ୟମାନଙ୍କୁ ଏମ.ଟି.ଏ ଏବଂ ଆମ ଜମାଅତର ଓେବ୍‌ସାଇଟ ସମ୍ବନ୍ଧରେ ଅବଗତ କରାଇବା ସହ ନିଜ ବନ୍ଧୁମାନଙ୍କୁ ସାଥିରେ ବସାଇ ଏମ.ଟି.ଏ ଦେଖାଇବା ଦ୍ୱାରା ସେମାନେ ମଧ୍ୟ ଏଥି ସମ୍ବନ୍ଧରେ ସହଜରେ ଜାଣିପାରିଥାନ୍ତି । ମୋତେ ଏପରି ଅନେକ ପତ୍ର ମିଳୁଛି ଯେଉଁଥିରେ ଉଲ୍ଲେଖ ରହିଥାଏ କି କେବଳ ଏମ.ଟି.ଏ ମାଧ୍ୟମରେ ଆପଣଙ୍କ ଖୁତବା ଶୁଣିବା ଦ୍ୱାରା ଆମର କେବଳ ଜମାଅତ ସହ ସମ୍ପର୍କ ମଜବୁତ ହୋଇ ନାହିଁ ବରଂ ଆମ ବିଶ୍ୱାସରେ ଉନ୍ନତି ହୋଇଛି । ତେଣୁ ଆଜି ଏମ.ଟି.ଏ ଏବଂ ଆମ ଓେବ୍‌ସାଇଟ ଅଲ୍ ଇସ୍‌ଲାମ୍ ହଜରତ ମସିହ ମଉଦ[ଆ.ସ]ଙ୍କ ପ୍ରଚାରର ଏକ ପ୍ରମୁଖ ମାଧ୍ୟମ ସାଜିଛି ଏବଂ ପ୍ରତ୍ୟେକ ଅହମଦିଙ୍କ ପ୍ରଶିକ୍ଷଣ ଏବଂ ଖିଲାଫତ ସହ ଯୋଡି ହେବାର ଏକ ବୃହତ ମାଧ୍ୟମ ଅଟେ । ସୁତରାଂ ପ୍ରତ୍ୟେକ ଅହମଦି ଏହା ସହ ଯୋଡିବାକୁ ଚେଷ୍ଟା କରିବା ଉଚିତ ।

କେତେକ ଲୋକ ନିଜ ସଂସ୍କାର ଓ ଇସଲାମୀୟ ଶିକ୍ଷା ମୁତାବକ ସମସ୍ତ କର୍ତବ୍ୟ,ବିଶେଷ କରି ନିୟମିତ ନମାଜ ପାଠ କରିବାକୁ ଇଚ୍ଛା କରିଥାନ୍ତି କିନ୍ତୁ ଦୁର୍ଭାଗ୍ୟ ବସତଃ ଏଭଳି କିଛି ଲୋକଙ୍କ ସଂସ୍ପର୍ଶରେ ଆସିଯାଇଥାନ୍ତି ଯେ ଉକ୍ତ ଲୋକମାନଙ୍କ ଦୁର୍ବଳତା ଓ ଆଳସ୍ୟର ପ୍ରଭାବ ଏମାନଙ୍କ ଉପରେ ପଡିଥାଏ ଏବଂ ନିଜର ଆନ୍ତରିକତା ଥିଲେ ମଧ୍ୟ ସେମାନେ ସଠିକ୍ ରୂପେ ଧର୍ମକର୍ମ ସମ୍ପାଦନ କରିପାରି ନଥାନ୍ତି । ଅତଏବ ସମ୍ପର୍କ ସ୍ଥାପନ ନିମନ୍ତେ ଏପରି ବ୍ୟକ୍ତିମାନଙ୍କ ଚୟନ କରିବା ଉଚିତ ଯେଉଁମାନଙ୍କର ଧାର୍ମିକ ଅବସ୍ଥା ଉତମ ଥିବା ସହ ସେମାନେ ନିୟମିତ ଆଗ୍ରହର ସହିତ ନମାଜ ପାଠ କରୁଥିବେ । ଏହା ମାଧ୍ୟମରେ ମୁଁ କାଦିଆନ ଓ ରବୁଓାର ଅହମଦିମାନଙ୍କୁ ବିଶେଷ କରି କହିବାକୁ ଚାହୁଁଛି, ଯେଉଁଠାରେ ଏକ ସୀମିତ ପରିସୀମା ମଧ୍ୟରେ ଅଧିକ ସଂଖ୍ୟାରେ ଅହମଦି ବସବାସ କରୁଛନ୍ତି ଏବଂ ସେଠାରେ ମସଜିଦ ଗୁଡିକ ମଧ୍ୟ ସ୍ୱଳ୍ପ ଦୂରତା ବ୍ୟବଧାନରେ ରହିଛି, ସେମାନଙ୍କୁ ସେଗୁଡିକୁ ଆବାଦ କରିବା ପ୍ରତି ଧ୍ୟାନ ଦେବା ଉଚିତ । ଏହିପରି ଅନେକ ଲୋକ ଯେ କି ଜମାଅତର ବ୍ୟବସ୍ଥା ସମ୍ପର୍କରେ ଭୁଲ ମତ ଧାରଣ କରିନେଇଥାନ୍ତି । ସେମାନଙ୍କୁ ଏପରି ଚିନ୍ତାଧାରାରୁ ନିବୃତ ରହିବା ଉଚିତ । ବାହାର ଦେଶରୁ ଯେଉଁ ଲୋକମାନେ ଯାଉଛନ୍ତି ସେମାନେ ଅନେକ ସମୟରେ ମୋତେ ଲେଖି ପଠାଉଛନ୍ତି, ଅଭିଯୋଗ ମଧ୍ୟ କରୁଛନ୍ତି କି ରବୁଓ୍ୱାରେ ମଧ୍ୟ ନମଜର ବ୍ୟବସ୍ଥା ପ୍ରତି ଧ୍ୟାନ ସେବା ଉଚିତ୍ । ତେଣୁ ରବୁଓ୍ୱା ନାଗଗରିକଙ୍କୁ ମଧ୍ୟ ଏଥିପ୍ରତି ଖାସ ଧ୍ୟାନ ଦେବା ଆବଶ୍ୟକ । ଯେଉଁମାନେ ଅବହେଳିତ ଅଛନ୍ତି ସେମାନେ ଦୁର୍ବଳଙ୍କ ଠାରୁ ପ୍ରଭାବିତ ହେବା ଅପେକ୍ଷା ଜମାତର ସେହି ଲୋକମାନଙ୍କ ପ୍ରଭାବକୁ ଗ୍ରହଣ କରନ୍ତୁ ଯେଉଁମାନଙ୍କର ଜମାତ ସହ ଦୃଢ ସଂପର୍କ ରହିଛି । ଏବଂ ଯେଉଁମାନେ ନୀୟମିତ ନମାଜ ପାଠ କରନ୍ତି । କିଭଳି ପ୍ରଭାବ ପଡ଼ି ଥାଏ, ଏବଂ ବିଜ୍ଞ କିପରି ବୁଝିପାରିଥାଏ କି ମୋ ଉପରେ ତାର କିପରି ପ୍ରଭାବ ପଡୁଛି ତାର ଉଦାହରଣ ଦେଇ ହଜରତ ମସିହ ମଉଦ[ଅ.ସ] କୁହନ୍ତି;ଏକଦା ଜାଲିନୋସ ଏକ ସ୍ଥାନରେ ଛିଡ଼ା ଥିଲା । ଜଣେ ପାଗଳ ଦୌଡ଼ି ଆସି ତା ସହିତ ଆଲିଙ୍ଗନ ହୋଇଗଲା । ଜାଲିନୋସ ତାକୁ ଶରୀରରୁ ହଟାଇ କହିଲା ମୋ ରକ୍ତ ବାହର କର । ଲୋକମାନେ କହିଲେ ରକ୍ତ କାହିଁକି ବାହାର କରିବ ? ସେ କହିଲା ଏ ପାଗଳ ଆସି ମୋ ସହିତ ଯେଉଁଭଳି ଆଲିଙ୍ଗନ ହୋଇଗଲା ଏପରି ଲାଗୁଛି କି ମୋ ଶରୀର ମଧ୍ୟରେ ପାଗଳାମୀର କୌଣସି ଶିରା ରହିଯାଇଛି । ଯାହା ଫଳରେ ସେହି ପାଗଳ ମୋ ଆଡ଼କୁ ଆକୃଷ୍ଟ ହୋଇ ଚାଲିଆସିଲା । ହଜରତ ମୁସଲେଃ ମଉଦ[ର.ଅ] କୁହନ୍ତି; ଏଭଳି ଲୋକମାନଙ୍କ ପଛରେ ଅନୁଗାମୀ ହେବା ଯେଉଁମାନେ କି ନମାଜି ନୁହଁନ୍ତି, ଏବଂ ଯେଉଁମାନେ ନମାଜ ପଢାରେ ଅବହେଳିତ ଏହା ସୂଚିତ କରାଇଥାଏ ଯେ ସେମାନଙ୍କୁ ମଧ୍ୟ ଅବହେଳିତ ଲୋକମାନଙ୍କ ସହ କୌଣସି ନା କୌଣସି ସଂବନ୍ଧ ରହିଛି ।

**(ଖୁତ୍‌ବାତେ ମହମୁଦ, ଖଣ୍ଡ-୯,ପୃଷ୍ଠା-୩୪୮-୩୪୯)**

ସୁତରାଂ ପ୍ରତ୍ୟେକ ସ୍ଥାନରେ ପ୍ରତ୍ୟେକ ଅହମଦିଙ୍କୁ ଏପରି ଅଳସୁଆ ଓ ଦୁର୍ବଳ ଶ୍ରେଣୀର ଲୋକମାନଙ୍କ ସହ ସମ୍ପର୍କ ରଖିବା ପରିବର୍ତେ ସକ୍ରିୟ ଓ କର୍ମଠ ଲୋକମାନଙ୍କ ସହ ସମ୍ପର୍କ ସ୍ଥାପନ କରିବା ଉଚିତ । ଯେତେବେଳେ ଏପରି ହେବ ଏବଂ କର୍ମଠ ଓ ସକ୍ରିୟ ଲୋକ ସଂଖ୍ୟା ଗରିଷ୍ଠତା ହାସଲ କରିନେବେ, ସେତେବେଳେ ଦୁର୍ବଳ ଓ ଅଳସୁଆ ଲୋକମାନେ ମଧ୍ୟ ସକ୍ରିୟ ଓ କର୍ମଠ ହୋଇଯିବେ ।

ଏକଦା ହଜରତ ମସିହ ମଉଦ[ଆ.ସ] ଙ୍କ ନିକଟକୁ ସଭାରେ ଜଣେ ବ୍ୟକ୍ତି ଆସି କହିଲେ, ମୁଁ ଅମୁକ ଚମ୍‌କାର ଦେଖିବାକୁ ଚାହୁଁଛି । ଯଦି ଆପଣ ମୋତେ ତାହା ଦେଖାଇ ଦିଅନ୍ତି ତେବେ ମୁଁ ଆପଣଙ୍କ ମାନ୍ୟକାରୀମାନଙ୍କ ସହ ସାମିଲ ହୋଇଯିବି । ହଜରତ ମୁସଲେହ ମଉଦ[ର.ଅ] କୁହନ୍ତି ମୋର ମନେଅଛି ହୁଜୁର ତାଙ୍କୁ ଉତର ଦେଲେ-ଅଲ୍ଲାଃ ଯାଦୁକର ନୁହନ୍ତି । ତାଙ୍କର ପ୍ରତ୍ୟେକ କାର୍ଯ୍ୟରେ ବିଶେଷ ଉଦ୍ଦେଶ୍ୟ ରହିଥାଏ । ଆପଣ କୁହନ୍ତୁ ପୂର୍ବରୁ ଯେତେ ଚମ୍‌କାର ଦେଖାଯାଇଛି ସେଥିରୁ ଆପଣ କିଭଳି ଉପକୃତ ହୋଇଛନ୍ତି ଯେ, ବର୍ତମାନ ଆଉ ଏକ ଚମ୍‌କାରର ଦାବୀ କରୁଛନ୍ତି । କିନ୍ତୁ ମନୁଷ୍ୟ ପ୍ରକୃତିଗତ ଦୁର୍ବଳତା ତାକୁ ମଧ୍ୟ ପସନ୍ଦ କରି ନଥାଏ । ବରଂ ସମ୍ଭବତଃ ତାକୁ ଅସଭ୍ୟତା ବୋଲି କହୁଛି । ସେ ସଠିକ ବୁଝୁଛି ଯେ ଅଳସୁଆମି ଏବଂ ଅବହେଳାର ବଶବର୍ତୀ ହୋଇଚାଲିବି ବରଂ ସର୍ବଦା ଅଳସୁଆମି ଏବଂ ଅବହେଳାରେ ଲିପ୍ତ ହୋଇ ରହିବି । କେହି ହେଲେ ବି ତାକୁ ଏତିକି ପ୍ରଶ୍ନ ନ ପଚାରୁ କି ସେ ତାର ଦାୟିତ୍ୱକୁ କିପରି ତୁଲାଉଛି । ହଁ ଯେତେବେଳେ ସେ କୌଣସି କୌତୁକ ଦେଖିବାକୁ ଚାହୁଛି, ସେତେବେଳେ ତାକୁ ସେହି କୌତୁକ ଦେଖାଇ ଦେବା ଉଚିତ୍ ।

**(ଅନୱାରୁଲ୍ ଉ୍ଲୁମ୍, ଖଣ୍ଡ- ୧୪, ପୃଷ୍ଠା-୨୨୭-୨୨୮)**

ଏହା ମନୁଷ୍ୟ ପ୍ରକୃତିଗତ । ଏପରି ଅଭ୍ୟାସ ମନମୋଟାଣୀଆ ଲୋକମାନଙ୍କର ପୂର୍ବରୁ ରହିଛି ଯେ ମାନିନେବାର ନଥିଲେ ସେମାନେ ସଇତାନର ପଥ ଅନୁସରଣ କରିଥାନ୍ତି । ସମସ୍ତ ଅବତାରମାନଙ୍କୁ ଏହି ପ୍ରଶ୍ନ କରାଯାଇଥିଲା ତଥା ହଜରତ ମୁହମ୍ମଦ[ସ.ଅ]ଙ୍କୁ ମଧ୍ୟ ଅମାନ୍ୟକାରୀମାନେ ପ୍ରଶ୍ନ କରିଥିଲେ କି ସୁନାର ଘର ନିଦର୍ଶନ ସ୍ୱରୂପ ଆମକୁ ଦେଖାଅ । ଆକାଶରେ ଚଢିଯିବାର ନିଦର୍ଶନ ଦେଖାଅ । ପୁଣି ଏତିକି ନୁହେଁ ବରଂ ଆକାଶରୁ ଆମ ସମ୍ମୁଖରେ ପୁସ୍ତକ ନେଇଆଣନ୍ତୁ । ଏଭଳି ସେମାନଙ୍କର ନିରର୍ଥକ ଓ ଅଯଥା କଥା ଓ ଅଭିଯୋଗ ରହୁଥିଲା । ତେଣୁ ଅଲ୍ଲାଃ ଏବଂ ତାଙ୍କ ଅବତାରମାନେ ଏପରି ଅବାନ୍ତର କାମନାକୁ ତିଳେ ହେଲେ ଗୁରୁତ୍ୱ ଦେଇନଥାନ୍ତି । ଅସଂଖ୍ୟ ଏପରି ନିଦର୍ଶନ ରହିଛି ଯଦି ହୃଦୟ ସ୍ୱଚ୍ଛ ଥାଏ ତେବେ ଗୋଟିଏ ନିଦର୍ଶନ ହିଁ ବିଶ୍ୱାସ ଆଣିବା ପାଇଁ ଯଥେଷ୍ଟ ହୋଇଥାଏ ।

କେତେକ ଲୋକମାନେ ତହରିକ ଜଦିଦ ଉପରେ ଅନେକ ଅଭିଯୋଗ ଆଣିଥିଲେ ଯେ ଇଏ କ'ଣ ଗୋଟିଏ ନୂଆ ସ୍କିମ ଆରମ୍ଭ କରିଦେଲେଣି । ଏହାର ଉତର ଦେଇ ହଜରତ ମୁସଲେଃ ମଉଦ[ର.ଅ]କୁହନ୍ତି; ବାସ୍ତବରେ ମୋର ଆନ୍ଦାଳନ କୌଣସି ନୂତନ ଆନ୍ଦେଳନ ନୁହେଁ । ବରଂ ଏହା ପୂରାତନ ଆନ୍ଦେଳନ । ଏହି ନୂତନ ଶବ୍ଦ ଦ୍ୱାରା ସେହି ଦୁର୍ବଳ ଓ ରୋଗାଗ୍ରସ୍ତ ମନଭାବ ପୋଷଣ କାରୀମାନଙ୍କୁ ବୁଝାଇବା ପାଇଁ କୁହାଯାଇଛି ଯେଉଁମାନେ ବିନା କୌଣସି ନୂତନ କଥାକୁ ଗ୍ରହଣ କରିବାକୁ ପ୍ରସ୍ତୁତ ନାହାନ୍ତି । ଯେପରି ଜଣେ ଡ଼ାକ୍ତର ଜଣେ ରୋଗିକୁ ବହୁ ସମୟ ଧରି ଚିକିସ୍ୱା କରିଥାଏ । ରୋଗି କେତେକାଂଶ ସମୟରେ କହିଥାଏ କି ମୋଏ ଔଷଧରୁ କୌଣସି ଲାଭହେଉ ନାହିଁ । ତେବେ ଡ଼ାକ୍ତର କହିଥାଏ କି ଠିକ ଅଛି ମୁଁ ଏବେ ତୁମ ପାଇଁ ନୂତନ ଔଷଧ ଦେଉଛି । ଏହା କହି ଡ଼ାକ୍ତର ସେହି ପୁରୁଣା ଔଷଧରେ ଆଉ କିଛି ମିଳାଇ ଦେଇଥାଏ । ଉଦାରଣ ସ୍ୱରୂପ ଆପଣ ସେ ସମୟରେ ଉଦାହରଣ ଦେଲେ କି ''ଟେଙ୍କଚର୍ କାର୍ଡ଼ାମମ୍'' ମିଳାଇ ଦେଲେ ସୁବାଶିତ ହୋଇଯାଇଥାଏ । ଏବଂ ରୋଗି ଭାବିନେଇଥାଏ ଯେ ଏବେ ମୋତେ ନୂଆ ଔଷଧି ମିଳିଯାଇଛି । ଡ଼ାକ୍ତର ମଧ୍ୟ ରୋଗିକୁ ଏଭଳି ସତ୍ୟ କଥା କହିଥାଏ । କାରଣ ଔଷଧରେ ଆଉ ଏକ ନୂତନ ଔଷଧ ମିଳାଇ ଦିଆଯାଇଥାଏ । କିନ୍ତୁ ଡ଼ାକ୍ତର ଏଥିଯୋଗୁଁ ସେହି ଔଷଧକୁ ନୂତନ ରୂପ ଦେଇଥାଏ କାରଣ ରୋଗି ସେହି ଔଷଧକୁ ପିଇଚାଲୁ । ଏବଂ ତାର ଭରସା ଭାଙ୍ଗି ନଯାଉ । ହଜରତ ମସିହ ମଉଦ[ଅ.ସ]ଙ୍କ ନିକଟକଚ ଜଣେ ବୃଦ୍ଧ ମହିଳା ଆସିଲା । ତାକୁ ମେଲେରିଆ ଜ୍ୱର ହୋଇଥିଲା । ଯାହା ବହୁ ଦିନ ଧରି ହୋଇଥିଲା ଏବଂ ଛାଡୁ ନଥିଲା । ହଜରତ ମସିହ ମଉଦ[ଅ.ସ] ତାକୁ କହିଲେ ତୁମେ କୋନିନ ଖାଅ । ସେ କହିଲା କୋନିନ ? ମୁଁ

ଯଦି କୋନିନ ଔଷଧର ଏକ ଚତୁର୍ଥାଂଶ ଖାଇ ଦେବି ତେବେ ସପ୍ତାହ ଯାକ ଜ୍ୱରରେ କୁହୁଳୁ ଥିବି । ଯେତେବେଳେ ହଜରତ ମସିହ ମଉଦ[ଅ.ସ] ଦେଖିଲେ କି ସେ କୋନିନ ଖାଇବାକୁ ପ୍ରସ୍ତୁତ ନୁହେଁ । ଯେହେତୁ ଆମ ଦେଶରେ ସାଧାରଣତଃ କୋନିନକୁ କୌନିନ୍ କୁହନ୍ତି । ଯାହାର ଅର୍ଥହେଲା ଦୁଇଗୋଟି ସଂସାରର । ସେଥିଯୋଗୁଁ ହଜରତ ମସିହ ମଉଦ[ଅ.ସ] ତ ତାକୁ ଖାଇବାକୁ କୋନିନ୍ ଔଷଧ ଦେଲେ କିନ୍ତୁ କହିଲେ ଏହା ଦାରୈନ୍ ଔଷଧ । ଏବଂ ଏହାକୁ ବ୍ୟବହାର କର । କୌନୈନ୍ ଓ ଦାରୈନ୍‌ର ଗୋଟିଏ ହିଁ ଅର୍ଥ ଦୁଇଗୋଟି ସଂସାର । ସ୍ପଷ୍ଟ କରିଦିଆ ଯାଉଛି ଯେ ଏଠି ହଜରତ ମସିହ ମଉଦ[ଅ.ସ] ଏହା କଦାପି କହି ନାହାଁନ୍ତି ଯେ ଏହା କୌନିନ୍ ନୁହେଁ । କେବଳ ଏହାର ଅନ୍ୟ ଏକ ନାମ ରଖିଦେଲେ । ସେ ମାତ୍ର ଦୁଇ ତିନି ଗୋଟି ଔଷଧ ଖାଇଥିବ କି ଆସି କହିଲା ମୋତେ ସେହି ଔଷଧ ଦ୍ୱାରା ଶାନ୍ତ ଲାଗୁଛି । ଆଉ କିଛି ଔଷଧ ଦିଅନ୍ତୁ । ପ୍ରଥମେ ତ କହୁଥିଲା କି ମୁଁ ଅଧା ଔଷଧ ଖାଇଦେବି, ଚତୁର୍ଥାଂଶ ଖାଇଦେଲେ ବି ଜ୍ୱର ଛାଡୁ ନାହିଁ । ଗରମ ହୋଇଯାଉଛି । ଅଥବା ନାମ ବଦଳାଇ ଦେଲେ ଶାନ୍ତ ହୋଇଯାଉଛି । ଆପଣ କୁହନ୍ତି; ମୁଁ ମଧ୍ୟ ହଜରତ ମସିହ ମଉଦ[ଅ.ସ]ଙ୍କ ଭଳି ପୁରୁଣା ଅନ୍ଦୋଳନର ନାମ ନୂତନ ରଖିଦେଲି । ଏବଂ ଲୋକମାନେ କହିବା ଆରମ୍ଭ କରିଦେଲେ କି ଏହା ନୂତନ ଆନ୍ଦୋଳନ । ସେହି ଲୋକମାନେ ଯାହାଙ୍କ ମଧ୍ୟରେ ନିଷ୍ଠା ଥିଲା ସେମାନେ ଚାହୁଁଥିଲେ ଯେ ଆଧ୍ୟାତ୍ମିକତାରେ ଉନ୍ନତି କରିବେ । ଯେତେବେଳେସେମାନେ ଏକ ନୂତନ ଆନ୍ଦୋଳନର ନାମ ଶୁଣିଲେ ସେମାନେ କହିଲେ ଏହା ଏକ ନୂତନ ଆନ୍ଦୋଳନ ଏବଂ ନୂଆ ଜିନିଷ । ଆସ ଆମେ ଏହା ଦ୍ୱାରା ଉପକୃତ ହେବା । ଏବଂଯେଉଁ ଲୋକମାନଙ୍କମଧ୍ୟରେ ଆବିଳତା ଥବଲା ସେମାନେ ଏହା ଭାବି ନେଇ କି ଏହା ଏକ ନୂତନ କଥା କହିବାକୁ ଆରମ୍ଭ କରିଦେଲେ କି ଏବେଏମାନେନୂଆ ନୂଆ କଥା ବାହାର କଲେଣି । ଏବଂ ହଜରତ ମୁହମ୍ମଦ[ସ.ଅ] ଏବଂ ହଜରତ ମସିହ ମଉଦ[ଅ.ସ]ଙ୍କ ପଥରୁ ବିଚ୍ୟୁତ ହୋଇଲେଣି । ନାଁ ସେମାନେ କଥା ବୁଝିବାକୁ ଚେଷ୍ଟା କଲେ ନାଁ ହିଁ ସେଥିରୁ କୌଣସି ଉପକୃତ ହେଲେ ।

**(ଅନ୍‌ୱାରୁଲ ଓ୍ୱଲୁମ୍,ଖଣ୍ଡ-୧୪,ପୃଷ୍ଠା-୨୩୦-୨୩୧)**

ତେଣୁ ଏହା ଏକ ନିୟମ ଅଟେ ଯେ ଯାହା ପୂର୍ବରୁ ନିର୍ଦ୍ଧାରିତ ଅଛି । ଆଦମ ସମୟରୁ ନେଇ ଏପର୍ଯ୍ୟନ୍ତ ଯେତେବେଳେତୁମ ଉପରେ ସଇତାନ ଆକ୍ରମଣ କରିବ ତେବେ ତୁମକୁ ତା ଠାରୁ ବଂଚିବାକୁ ହେଲେ ଉପାୟ ବାହାର କରିବାକୁ ହେବ । ଏବଂ ସଇତାନ ଠାରୁ ବଂଚିବା ଏବଂ ଧର୍ମ କାମରେ ଉନ୍ନତି କରିବା ପାଇଁ ଯେବେ ବି କୌଣସି ଉପାୟ ବାହାର କରାଯାଏ ବାସ୍ତବରେ ତାହାସେହି ଉଦ୍ଦେଶ୍ୟକୁ ହାସଲ କରିବା ପାଇଁ ହୋଇଥାଏ । ଯାହା ନିମନ୍ତେ ଅବତାରମାନେ ଆସିଥାନ୍ତି । ଯାହା ପାଇଁ ହଜରତ ମୁହମ୍ମଦ[ସ.ଅ] ମଧ୍ୟ ଏବଂ ଯାହା ପାଇଁ ଏଯୁଗରେ ଆପଣଙ୍କ ସତ୍ୟଦାସ ହଜରତ ମସିହ ମଉଦ[ଅ.ସ] ଆସିଥିଲେ । ଯେକୌଣସି ଉଦ୍ଦେଶ୍ୟର ହାସଲ ପାଇଁ ଏବଂ ଜମାତର ସାମୂହିକ ଉନ୍ନତି ପାଇଁ ଦାୟିତ୍ୱବାନ ବ୍ୟକ୍ତିକୁ ସଦାସର୍ବଦା ଏବଂ ଅହରହ ପଛରେ ଲାଗି ରହିବା ଉଚିତ୍ ସେ ତରବିୟତର କାମ ହେଉ ବା ଅନ୍ୟ କୌଣସି କାମ ହେଉ ।

ହଜରତ ମୁସଲେଃ ମଉଦ[ର.ଅ] କୁହନ୍ତି; ହଜରତ ମସିହ ମଉଦ[ଅ.ସ]ଙ୍କ ସମୟରେ ଜଣେ ଗରିବ ଲୋକ ଥିଲା । ସର୍ବଦା ସେହି କୋଠଡ଼ିର ସମ୍ମୁଖରେ ବସି ରହୁଥିଲା ଯାହା ପୂର୍ବେ ମହାସିବର କାର୍ଯ୍ୟାଳୟ ଥିଲା । ଯେତେବେଳେ ତାକୁ ଅହମଦୀୟା ଛକରୁ କେହି ଜଣେ ଆସୁଥିବାର ଦେଖା ଯାଉଥିଲା, କହିଥାଏ ବାବୁ ଗୋଟିଏ ଟଙ୍କା ଦେଇଦିଅ । ଯିବାଲୋକଟି ଯେତେବବେଳେ ତା ନିକଟ ଦେଇ ଚାଲିଯାଏ କହିଉଠେ ବାବୁ ଆଠଣା ତ ଦେଇଦିଅ । ଯେତେବେଳେ ଆଉ ଟିକିଏ ଦୂରକୁ ଚାଲିଯାଏସେତେବେଳେ କହି ଉଠେ ବାବୁ ଚାରିଅଣା ତ ଦେଇ ଦିଅ । ଯେତେବେଳେ ତା ମୁକାବିଲାରେ ଆସିଯାଇଥାଏ ସେତେବେଳେ କହିଥାଏ ଦୁଇଅଣା ଦେଇଦିଅ । ଯେତେବେଳେ ଦୁଇପାହୁଣ୍ଡ ଆଗକୁ ଚାଲିଯାଏ ସେତେବେଳେ ଗୋଟିଏ ଅଣା ତ ଦେଇଦିଅ । ଯେତେବେଳେ କିଛି ଦୂର ଚାଲି ଯାଏ ସେତେବେଳେ କହିଥାଏ ଗୋଟିଏ କଉଡ଼ି ହି ଦେଇଦିଅ । ଯିବାବାଲା ଯେତେବେଳେ ମସଜିଦ ଅକସାର ମୋଡ଼ରେ ପହଂଚିଥାଏ ସେତେବେଳେ କହିଥାଏ ପକୁଡ଼ି ଦେଇଦିଅ । ଯେତେବେଳେ ଦେଖିଥାଏ କି ଶେଷ କୋଣରେ ପହଂଚି ଗଲାଣି ସେତେବେଳେ କହିଥାଏ ମରିଚ ତ ଦେଇଦିଅ । ସେ ଗୋଟିଏ ଟଟାରୁ ଆରମ୍ଭ କରି ମରିଚରେ ହିଁ ଶେଷ କରିଥାଏ । ଏହିଭଳି କାମ କରିବାବାଲାଙ୍କୁ ମଧ୍ୟ ବୁଝିବାକୁ ହେବ ଯେ ଆମ ହାତରେ କିଛି ନା କିଛି ଆସି ଯାଉ । ଯଦି ପ୍ରଥମ ଥର ଶହେରୁ ଗୋଟିଏ ଆଡ଼କୁ ଧ୍ୟାନ କରିବ ତେବେ ଆସନ୍ତା ଥର ଦୁଇ ହୋଇଯିବ । ତା ପରେ ଚାରି ହୋଇଯିବ । ଏହିଭଳି ଧିରେ ଧିରେ ବଢିବାକୁ ଲାଗିବ । ତେଣୁ କାମ କର ପୁଣି ଫଳ ଦେଖ ।

ଯେତେବେଳେ କୌଣସି ସାଂସାରିକ କର୍ମ ଅଯଥା ହୋଇନଥାଏ ତେବେ କିଭଳି ସ୍ୱୀକାର କରାଯିବ ଯେ ଚାରିତ୍ରିକ ଓ ଆଧ୍ୟାତ୍ମିକ କର୍ମର କୌଣସି ଫଳ ମିଳିବ ନାହିଁ । କିନ୍ତୁ ଯାହାର ମନ ଠିକ ନୁହେଁ ସେମାନେ କହିଦେଇଥାନ୍ତି ଯେ ଆମେ ତ କାମ କରୁଛୁ । କିନ୍ତୁ ଫଳ ତ ଅଲ୍ଲାଃଙ୍କ ହାତରେ ଅଛି । ଫଳ ଅଲ୍ଲାଃଙ୍କ ହାତରେ ଅଛି କହିବାର ତାତ୍ପର୍ଯ୍ୟ ହେଲା ଆମେ ତ ନିଜ ଆଡୁ ସଂପୂର୍ଣ୍ଣ ପରିଶ୍ରମ କରିଥିଲୁ । କିନ୍ତୁ ଅଲ୍ଲାଃ ଆମ ସହ ଶତ୍ରୁତା ବାହାର କଲା । ଏପରି କହିବା କିପରି ମୁର୍ଖାମୀ ଓ ବୋକାମୀ ଅଟେ । ଏପରି କି ନିଜ ଅବହେଳା ଓ ଦୁର୍ବଳତାକୁ ଅଲ୍ଲାଃଙ୍କ ଆଡ଼କୁ ଠେଲିଦେବା । ଅଲ୍ଲାଃଙ୍କର ଏହା ନିୟମ ହୋଇଥାଏ ଯେ ଯେଉଁ କାମ ଆମେ କରୁଛୁ । ତାର କୌଣସି ନା କୌଣସି ଫଳ ମିଳିଥାଏ । କିନ୍ତୁ ଭଲ ଓ ଖରାପ ଫଳ ଆମ କର୍ମ ଉପରେ ନିର୍ଭର । କୌଣସି ବ୍ୟକ୍ତି ତାର ୧/୧୦ ଭାଗ ପାଇଁ ପରିଶ୍ରମ କରିଛି । ପ୍ରକୃତିର ନିୟମ ଏପରି ଅଟେ ଯେ ତାର ୧/୧୦ ଭାଗ ଫଳ ବାହାରିବ । ଏବେ ଏହାର ୧/୧୦ ଭାଗ ଫଳ ବାହାରିବାର ଅର୍ଥ ଏହା ନୁହେଁ ଯେ ଅଲ୍ଲାଃଙ୍କ ପ୍ରକୃତିଗତ ନିୟମାନୁଯାୟୀ ୧/୧୦ ଭାଗ ବାହାରିବ । ନଚେତ ସେ ତ ପରିଶ୍ରମ ଅଧିକ କରିଥିଲା । ପ୍ରକୃତିର ନିୟମାନୁଯାୟୀ ସେ କାହାର ପରିଶ୍ରମକୁ ନଷ୍ଟ କରି ନଥାଏ । କିନ୍ତୁ ଦୁଷ୍ଟ ମନ ଏହା କହିଥାଏ କି ମୁଁ ତ ମୋର ଦାୟିତ୍ୱ ପୂରଣ କରି ଦେଇଥିଲି । କିନ୍ତୁ ଅଲ୍ଲାଃ ତ ନିଜ କର୍ତବ୍ୟ ପୂରଣ କଲେ ନାହିଁ ଏବଂ ଭୁଲି ଗଲେ । ଏହା ଠାରୁ ବଳି ଆଉ ଅମାନିଆ କ'ଣ ହେବ । ତେଣୁ ଯେଉଁଠି ପରିଶ୍ରମ ଓ ଚେଷ୍ଟା କରିବାର ପ୍ରଶ୍ନ ଅଟେ ଫଳ ଆମରି ହିଁ ହାତରେ ଅଛି । ଯଦି ଫଳ ଭଲ ହୋଇ ନଥାଏ ତେବେ ବୁଝି ନିଅ ଯେ ଆମ କାମରେ କୌଣସି ଭୁଲ ରହି ଯାଇଛି । ଚେଷ୍ଟା କରିବା ଉଚିତ ଯେ ପ୍ରତ୍ୟେକ କାମର ଫଳ ଯେକୌଣସି ପ୍ରକାରରେ ଆମ ସମ୍ମୁଖରେ ଆସିଯାଉ । ଯେପର୍ଯ୍ୟନ୍ତ ଏ ଫଳାଫଳ ଆମ ସମ୍ମୁଖରେ ନଆସି ଯାଇଛି । ଆମକୁ ଆରାମରେ ବସିବା କଥା ନୁହେଁ । **(ଅନଓ୍ୱାରୁଲ୍ ଓ୍ୱଲୁମ୍,ଖଣ୍ଡ-୧୮,ପୃଷ୍ଠା-୨୦୧,୨୦୨)**

କେତେକ ଲୋକମାନେ ଲେଖୁଛନ୍ତି ଆମେ ବହୁତ ଉପାସନା କଲୁ । ବହୁତ ଦୁଆ କଲୁ । ଆମକୁ ଆମର ଲକ୍ଷ ହାସଲ ହେଲା ନାହିଁ । ଆମ ଦୁଆ ଗ୍ରହଣ ହେଲାନାହିଁ । ସେମାନଙ୍କୁ ମଧ୍ୟ ବୁଝିବା ଉଚିତ ଯେ,ଲକ୍ଷ ନିର୍ଦ୍ଧାରଣ କରିବା ପରେ ଭୁଲ ମାର୍ଗରେ ଚାଲିବା ହେତୁ ଆମେ ନିଜ ଲକ୍ଷ ସ୍ଥଳରେ ପହଂଚି ପାରିଲେ ନାହିଁ । ଅତଏବ ଏକ ଦୁଆକରିବାବାଲା ସଠିକ ମାର୍ଗରେ ପରିଚାଳିତ ହେବା ସହ ନିଜର ସମସ୍ତ ସାମର୍ଥ କାର୍ଯ୍ୟରେ ଆଣିବା ଉଚିତ । ହଜରତ ମସିହ ମଉଦ[ଅ.ସ] କୁହନ୍ତି; ରସାୟନ ବୈଜ୍ଞାନିକ ଯେତେବେଳେ ସଫଳ ହୋଇ ପାରିନଥାଏ,ସେତେବେଳେ କହିଥାଏ କି ଗୋଟିଏ ସେଙ୍କ ରହି ଗଲା । ସେ ରସାୟନ ନବନି ପାରିବା ଫଳରେ ଅଧୈର୍ଯ୍ୟ ହୋଇ ଯାଇ ନଥାଏ ବରଂ ନିଜ ପ୍ରୟାସର ଦୋଷ ତ୍ରୁଟି ବୋଲି କହିଥାଏ । ଯଦିଓ କି ରସାୟନ ଶାସ୍ତ୍ରରେ ଭରସାର କୌଣସି ଅବକାସ ରହିନଥାଏ । ଏବଂ ଅଲ୍ଲାଃଙ୍କ ସହ ସଂପର୍କ ବଢିବା ଏବଂ ତାର ନିକଟତର ହେବାର ତ ଭରସା ରହିଛି । କିନ୍ତୁ ରସାୟନ ଶାସ୍ତ୍ରରେ ସଂପୂର୍ଣ୍ଣ ଜୀବନ ଏକ ଉତାପର ଚେଷ୍ଟାରେ ଅତିବାହିତ ହୋଇଯାଉଛି । ସେ ପ୍ରତ୍ୟେକ ଥର ବିଫଳ ହୋଇ ମଧ୍ୟ ଅଧୈର୍ଯ୍ୟ ହୋଇନଥାଏ । କିନ୍ତୁ ଯେଉଁ ବ୍ୟକ୍ତି ଅଲ୍ଲାଃଙ୍କ ନିକଟତା ହେବାକୁ ଚାହିଁଥାଏ, ଏବଂ ସଫଳ ହୋଇନଥାଏ । ନିଜ କମର ପନ୍ଥାକୁ ଦୋଷ ଦେଇ ନଥାଏ । ବରଂ ଅଲ୍ଲାଃଙ୍କ ଠାରୁ ଭରସାଛଡ଼ା ହୋଇ ଶୀଘ୍ର ହତାଶ ହୋଇ ଯାଇଥାଏ । ଏବଂ ନିଜର ସମସ୍ତ ଚେଷ୍ଟାକୁ ଛାଡ଼ି ବସି ଯାଇଥାଏ । ତେଣୁ ରସାୟନ ନିଜ ଭୁଲକୁ ନିଜ ଉପରେ ପକାଇ ସୁନା ବନିବାର ଚିନ୍ତାଧାରାକୁ ପୂର୍ଣ୍ଣବିଶ୍ୱାସ ଭାବିଥାଏ । କିନ୍ତୁ ଅଲ୍ଲାଃଙ୍କୁ ପାଇବା ଚେଷ୍ଟା କରିବାବାଲା ବ୍ୟକ୍ତି ନିଜ ଭୁଲକୁ ଅଲ୍ଲାଃ ଆଡ଼କୁ ଆଖେପ କରିଥାଏ । ଏବଂ ତାକୁ ଛାଡ଼ି ଦେଇଥାଏ । (ଖୁତ୍‌ବାତେ ମହମୁଦ୍,ଖଣ୍ଡ-୧୧,ପୃଷ୍ଠା-୬୦)

ଆଜିକାଲିର ଗବେଷକଙ୍କର ଏହି ପରି ଅବସ୍ଥା । ବର୍ଷ ଧରି ଗୋଟିଏ ଉଦ୍ଦେଶ୍ୟକୁ ହାସଲ କରିବା ପାଇଁ ଗବେଷଣା କରିଥାନ୍ତି । ବର୍ଷ ବର୍ଷ ଧରି ସମୟ ଲଗାଇଥାନ୍ତି । ତେବେଯାଇ ସଫଳତା ମିଳିଥାଏ । ଏବଂ ତାହା କୌଣସି ଧାର୍ଯ୍ୟ ନୁହେଁ ଯେ ଯେଉଁ ପ୍ରକ୍ରିୟାକୁ ଗୋଟିଏ ଥର ବ୍ୟବହାର କରାଯାଇଛି । ତାହକୁ ପୁନର୍ବାର ବ୍ୟବହାର କରାଯିବ । ଭିନ୍ନ ଭିନ୍ନ ଗବେଷଣାରେ ଭିନ୍ନ ଭିନ୍ନ ପ୍ରକ୍ରିୟା ବଦଳି ଥାଏ । ସୁତରାଂ ଆଧ୍ୟାତ୍ମିକତା ପ୍ରାପ୍ତି କରିବା ଏବଂ ଅଲ୍ଲାଃଙ୍କ ସାନିଧ ଓ ଦୁଆର ସ୍ୱୀକୃତି ନିମନ୍ତେ ନିଜ ଅମଳରେ ସଂଶୋଧନ କରିବା ଅନିବାର୍ଯ୍ୟ । ଏହାର ନିରୀକ୍ଷଣ ପ୍ରତି ମଧ୍ୟ ଧ୍ୟାନ ଦେବା ଆବଶ୍ୟକ । ନୀୟମିତ ଭାବରେ ନମାଜ ପାଠ କରିବା ସହ ଅଲ୍ଲାଃଙ୍କ ନିର୍ଦ୍ଦେଶାବଳୀ ମୁତାବକ ଅମଳ କରିବା,ନିଜ କାର୍ଯ୍ୟକଳାପ,ଚିନ୍ତାଧାରା ଓ ବୁଦ୍ଧିରେ ସୁଧାର ଆଣିବା ଆବଶ୍ୟକ । ପବିତ୍ର କୋରାନରେ ଅଲ୍ଲାଃ କହିଛନ୍ତି-ମୁଁ ନିଜ ଭକ୍ତର ସବୁଠାରୁ ନିକଟବର୍ତୀ ଏବଂ ତାହାର ଦୁଆ ସ୍ୱୀକାରକାରୀ ଅଟେ । କିନ୍ତୁ ଯଦି ଆମେ ତାଙ୍କୁ ନିକଟରେ ନପାଉ କିମ୍ବା ଆମ ଦୁଆ ସ୍ୱୀକୃତି ପ୍ରାପ୍ତ କରୁ ନାହିଁ ତେବେ ଆମକୁ ବୁଝିବାକୁ ହେବ ଯେ ନିଶ୍ଚିତ ରୂପେ ଆମ ଚେଷ୍ଟା ଓ ଉଦ୍ୟମରେ କିଛି ନା କିଛି ତ୍ରୁଟି ରହିଯାଇଛି ।

ହଜରତ ମୁସଲେଃ ମଉଦ[ର.ଅ] ବର୍ଣ୍ଣନା କରନ୍ତି କି ହଜରତ ମସିହ ମଉଦ[ଆ.ସ] କୁହନ୍ତି ଗଦାଗର(ଭିକାରୀ) ଦୁଇ ପ୍ରକାରର ଥାନ୍ତି । ଗୋଟିଏ ନର୍ ଗଦା ଓ ଅନ୍ୟଟି ଖର୍ ଗଦା । ନର୍ ଗଦା ଦ୍ୱାର ଦ୍ୱାର ବୁଲି ମାଗେ ଯଦି ମିଳିଯାଏ ତ ଠିକ୍ ନଚେତ୍ ତିନିଥର ମାଗିବା ପରେ ଆଗକୁ ଚାଲେ କିନ୍ତୁ ଖର୍ ଗଦା କିଛି ନମିଳିବା ଯାଏ ଦ୍ୱାର ଛାଡି ନଥାଏ । ଏପରି ଗଦାଗର ନେବା ବିନା ପଛ ଛାଡ଼ନ୍ତି ନାହିଁ । ଏପରି ଗଦାଗର ଭିକାରୀ ଅଳ୍ପ ପରିମାଣରେ ଥାନ୍ତି । ମୋର ମନେ ଅଛି ହଜରତ ମସିହ ମଉଦ[ଅ.ସ]ଙ୍କ ପାଖରେ ଜଣେ ବ୍ୟକ୍ତି ବସି ରହୁଥିଲା । ଯେପର୍ଯ୍ୟନ୍ତ ସେ କିଛି ନ ନେଇଛି ସେପର୍ଯ୍ୟନ୍ତ ଉଠି ଯାଇନଥାଏ । ଯେପର୍ଯ୍ୟନ୍ତ ହଜରତ ମସିହ ମଉଦ[ଅ.ସ] ବାହାରକୁ ନ ବାହାରିଛନ୍ତି ଏବଂ ତାକୁ କିଛି ନଦେଇଛନ୍ତି ସେପର୍ଯ୍ୟନ୍ତ ସେହି ବ୍ୟକ୍ତି ସେଠାରୁ ଉଠି ନଥାଏ । ପୁଣି ସେ କେତେକ ସମୟରେ ପଇସା ଧାର୍ଯ୍ୟ କରିଦେଇଥାଏ କି ଏତେ ପଇସା ନେବି । ଯଦି ହଜରତ ସାହେବ ସେଥିରୁ କମ ଦିଅନ୍ତି ତେବେ ସେ ତାକୁ ନେଇ ନଥାଏ । ଅନେକ ସମୟରେ ଅତିଥିମାନେ ତାକୁ ଏତେ ପଇସା ଦେଇଥାନ୍ତି ଯଦ୍ଦ୍ୱାରା ସେ ଚାଲି ଯାଇଥାଏ । କୁହନ୍ତି ମୁଁ ଦେଖିଛି କି ଯଦି ତା ମୁହଁରୁ କୌଣସି ପଇସାର କଥା ବାହାରି ଯାଇଛି, କି ମୁଁ ଏତିକି ନେବି ଯେପର୍ଯ୍ୟନ୍ତ ତାହା ପୁରା ହୋଇ ନାହିଁ ସେ ପର୍ଯ୍ୟନ୍ତ ସେ ଯାଇନଥାଏ ।ଯେବେ ହଜରତ ସାହେବ ଅସୁସ୍ଥ ହୋଇ ଯାଆନ୍ତି,ଯେପର୍ଯ୍ୟନ୍ତ ସେ ସୁସ୍ଥ ହୋଇ ବାହାରକୁ ନଆସିଥାନ୍ତି ସେପର୍ଯ୍ୟନ୍ତ ସେ ସେଠାରୁ ଯାଇନଥାଏ ।

ହଜରତ ମସିହ ମଉଦ[ଆ.ସ] କୁହନ୍ତି ଦୁଆ ଗ୍ରହଣୀ ହେବା ପାଇଁ ଆବଶ୍ୟକ ଯେ ମଣିଷ ଖର୍‌ଗଦା ପରି ହେଇଯାଉ ଏବଂ ମାଗିଚାଲୁ । ଅର୍ଥାତ ଯେପର୍ଯ୍ୟନ୍ତ ଅଲ୍ଲାଃତାଲା ଦୁଆକୁ ସ୍ୱୀକୃତି ପ୍ରଦାନ କରିବାର ସୂଚନା ନ ଦେଇଛନ୍ତି ତାଙ୍କ ଦ୍ୱାର ଛାଡିବା ଉଚିତ ନୁହେଁ ।

**(ଖୁତ୍‌ବାତେ ମହମୁଦ,ଖଣ୍ଡ-୧୦,ପୃଷ୍ଠା-୨୦୦)**

ଅଲ୍ଲାଃଙ୍କ କାର୍ଯ୍ୟ କି ଏବେ ତା ବିଷୟରେ ଦୁଆ କର ନାହିଁ ,ଅନେକ ପ୍ରକାରର ହୋଇଥାଏ । ଜଣେ ମହିଳା ଉଦାହରଣ ସ୍ୱରୂପ ଗର୍ଭବତୀ ଅଛି । ଆଜି କାଲି ବୈଜ୍ଞାନିକ ପଦ୍ଧତିରେ ଜଣା ପଡ଼ିଯାଉଛି କି ଗର୍ଭରେ ପୁତ୍ର ସନ୍ତାନ ଅଛି ବା କନ୍ୟା ସନ୍ତାନ । ଶେଷ ସମୟରେ ଆସି ଜଣା ପଡ଼ି ଯାଉଛି । ସେହି ସମୟରେ କହିବା କି ଏବେ ପୁଅ ହେଉ । ଏହା ଅଲ୍ଲାଃଙ୍କ ନିୟମ ବିରୁଧ ଅଟେ । ସେହି ସମୟ ତ ଜନ୍ମ ହେବାର ଶେଷ ପର୍ଯ୍ୟାୟ । ହଁ ଆଗାମୀ ଗର୍ଭ ପାଇଁ ଏଦୁଆ ଗ୍ରହଣ ହୋଇ ପାରିବ ଯେ ଆଗାମୀ ଗର୍ଭରେ ଅଲ୍ଲାଃତାଲା ପୁତ୍ର ସନ୍ତାନ ଦେଇପାରେ । ଅଥବା କେବେ ଅଲ୍ଲାଃଙ୍କ ଇଚ୍ଛା ଖୋଲି ଦିଆ ଯାଉ । ପୁଣି ମନୁଷ୍ୟ ଦୁଆ କରିଥାଏ,ତେବେ ତାହା ଭୁଲ ହୋଇଥାଏ । ଏହା ଅସମ୍ମାନର କାରଣ ହୋଇ ଯାଇଥାଏ । କିନ୍ତୁ ଏହା ମଧ୍ୟ ମନେ ରଖିବା ଉଚିତ୍ ଯେ କେବେ ଯୋଜନା କରିବା ଛାଡ଼ିବ ନାହିଁ । ଯୋଜନା ବି ଦୁଆ ସହିତ ଆବଶ୍ୟକ । ଯେତେବେଳେ ଦୃଢ ବିଶ୍ୱାସ ସହ ଦୁଆ ଓ ଯୋଜନା ବଦ୍ଧ ଭାବରେ କାର୍ଯ୍ୟ କରାଯାଏ ସେତେବେଳେ ଅଲ୍ଲାଃଙ୍କ କୃପା ଲାଭ ହୋଇ

ଥାଏ । ହଜରତ ମସିହ ମଉଦଆ.ସ କୁହନ୍ତି ଦୁଆ ସହ ଯୋଜନା ନକରିବା ସମ୍ପୂର୍ଣ୍ଣ ଭୁଲ ଅଟେ । ଏପରି ବ୍ୟକ୍ତିର ଦୁଆ ଓଲଟା ତା ମୁହଁରେ ମରାଯାଇଥାଏ । କାରଣ ସେ ଦୁଆ କରିବା ସହ ଉଦ୍ୟମ କରିନଥାଏ ତେଣୁ ତାହାର ଦୁଆ ସ୍ୱୀକାର କରାଯାଇ ନଥାଏ । ଏପରି ବ୍ୟକ୍ତି ଅଲ୍ଲାଃଙ୍କ ନୀୟମ ଭଙ୍ଗକାରୀ ଓ ଅଲ୍ଲାଃଙ୍କ ପରୀକ୍ଷା ନେଇଥାଏ । ଏହା ଅଲ୍ଲାଃଙ୍କ ସମ୍ମାନ ବିରୁଦ୍ଧ ଯେ ଭକ୍ତ ତାଙ୍କ ପରୀକ୍ଷା ନେବ । ଅତଏବ ଆମମାନଙ୍କୁ ନିଜ ଅବସ୍ଥାରେ ପରିବର୍ତନ ଆଣିବା ସହ ତାଙ୍କ ପ୍ରଶନ୍ନ ଲାଭ ଓ ସମସ୍ତ ମାଧ୍ୟମକୁ କାର୍ଯ୍ୟରେ ଆଣି ନିୟମିତ ଭାବରେ ଦୁଆ କରିବା ଉଚିତ । ଅଲ୍ଲାଃ ଆମକୁ ଏହାର ଶକ୍ତି ପ୍ରଦାନ କରନ୍ତୁ ।

ମୁଁ ନମାଜ ପରେ ଜଣେ ଶହୀଦଙ୍କର ନମାଜ ଜନାଜାଃ ପଢାଇବି । ଜିଲ୍ଲା ଶେଖୁପୁରାର କୋଟ ଅବ୍ଦୁଲ ମାଲିକ୍ ନିବାସୀ କମରୁଜ୍ ଜିଆ ସାହେବ ପିତା ମହମ୍ମଦ ଅଲ୍ଲି ସାହେବଙ୍କୁ ବିରୋଧିମାନେ ପ୍ରଥମ ମାର୍ଚ୍ଚ ୨୦୧୬କୁ ଦୁଇପହର ପ୍ରାୟ ୧:୩୦ ସମୟରେ ତାଙ୍କ ଘର ବାହାରେ ଛୁରୀରେ ଆକ୍ରମଣ କରି ଶହୀଦ କରିଦେଲେ । **(ଇନ୍ନାଲିଲ୍ଲାହେ ୱ ଇନ୍ନ ଇଲୈହି ରାଜେଉନ୍)**ଘଟଣା ଦିନ ସ୍ୱର୍ଗୀୟ ଶହୀଦ କମରୁଜ୍ ଜିଆ ସାହେବ ଘର ସହ ଲାଗି ରହିଥିବା ଦୋକାନକୁ ବନ୍ଦ କରି ସ୍କୁଲରୁ ନିଜ ପିଲାମାନଙ୍କୁ ଆଣିବା ପାଇଁ ଘରୁ ଏବେ ବାହାରି ଥିଲେ କି ଦୁଇ ଜଣ ଅଜ୍ଞାତ ଆକ୍ରମଣକାରୀ ତାଙ୍କ ଉପରେ ଆକ୍ରମଣ କରିଦେଲେ । ତାଙ୍କୁ ଘୋଷାଡ଼ି ଘୋଷାଡ଼ି କନ୍ଧିକୁ ନେଇଗଲେ । ଜଣେ ବ୍ୟକ୍ତି କମରୁଜ୍ ଜିଆ ସାହେବଙ୍କୁ ଦବାଇ ଧରିଲା । ଏବଂ ଅନ୍ୟ ଜଣକ ଛୁରି ଧରି ତାଙ୍କୁ ଆଘାତ କରି ଚାଲିଥିଲା । କମରୁଜ୍ ଜିଆ ସାହେବ ନିଜକୁ ବଚାଂଇବା ପାଇଁ ବହୁତ ଚେଷ୍ଟା କରିଥିଲେ । କିନ୍ତୁ ତାଙ୍କ ଛାତି, କାନ୍ଧ, ହୃଦୟ ଏବଂ ବେକ ଉପରେ ଛୁରିର ଆଘାତ ହୋଇଥିଲା । ଜଣେ ଆକ୍ରମଣକାରୀ ପଛପଟରୁ ଆସି ବେକରେ ଛୁରାଘାତ କଲା । ଏବଂ ଛୁରିକୁ ଶରୀରରେ ପ୍ରବେଶ କରାଇ ସେଇଠି ଛାଡ଼ି ଚାଲିଗଲେ । ଆଘାତକୁ ସହ୍ୟ ନକରିପାରି ସେହି ସମୟରେ ହିଁ ଆପଣ ଶହୀଦ ହୋଇଗଲେ । **(ଇନ୍ନାଲିଲ୍ଲାହେ ୱ ଇନ୍ନ ଇଲୈହି ରାଜେଉନ୍)**

ସ୍ୱର୍ଗୀୟ ଶହୀଦଙ୍କ ବଂଶରେ ଅହମଦୀୟତ ତାଙ୍କ ଜେଜେବାପା ଦୌଲତ ଖାଁଙ୍କ ଦ୍ୱାରା ବୀଜ ରୋପଣ ହୋଇଥିଲା । ଯେକି ଗୁରୁଦାସପୁର ଜିଲ୍ଲାର ଅଲଖବେରୀ ଗ୍ରାମରୁ କାଦିଆନ ଯାଇ ହଜରତ ମସିହ ମଉଦଅ.ସଙ୍କ ପବିତ୍ର ହାତରେ ଦୀକ୍ଷାନେଇ ଜମାତ ଅହମଦୀୟାରେ ଅନ୍ତର୍ଭୁକ୍ତ ହୋଇଥିଲେ । ମୃତ୍ୟୁ ପରେ ରବୁଓ୍ୱା ବେହେସ୍ତି ମକବରାରେ ସମାଧି ଗ୍ରହଣ କରିଛନ୍ତି । ସ୍ୱର୍ଗୀୟ ଶହୀଦଙ୍କ ଜେଜେ ଫତଃ ମୁହମ୍ମଦ ସାହେବ ମଧ୍ୟ ଜନ୍ମଗତ ଅହମଦି ଥିଲେ । ସେ ମଧ୍ୟ ରବୁଓ୍ୱା ବେହେସ୍ତି ମକବରାରେ ସମାଧି ଗ୍ରହଣ କରିଛନ୍ତି । ପାକିସ୍ତାନ ଗଠନ ପରେ ଏ ବଂଶଜ ହିଜ୍‌ରତ(ସ୍ଥାନାନ୍ତରଣ)କରି ଜିଲ୍ଲା ସିଆଲକୋଟର କାଲେକେ ନାଗରେ ଗ୍ରାମରେ ବସବାସ କଲେ । ସ୍ୱର୍ଗୀୟ ଶହୀଦଙ୍କ ଜନ୍ମ ସେଇଠାରେ ହୋଇଥିଲା । ପୁଣି ସେମାନେ ୧୯୮୫ ମସିହାରେ କୋଟ ଅବ୍ଦୁଲ ମାଲିକ ଗ୍ରାମକୁ ଚାଲିଗଲେ । ସ୍ୱର୍ଗୀୟ ଶହୀଦ ବି.କମ୍ ପର୍ଯ୍ୟନ୍ତ ପାଠ ପଢିଛନ୍ତି । କିଛି ସମୟ ପର୍ଯ୍ୟନ୍ତ ବିଭିନ୍ନ ସଂଗଠନରେ କାର୍ଯ୍ୟ କରିଛନ୍ତି । ପରେ ନିଜ ଘର ପାଖେ ଗୋଟିଏ ଜେରକ୍ସ ଓ ମୋବାଇ ଦୋକାନ ଖୋଲି ବ୍ୟବସାୟ ଆରମ୍ଭ କରିଥିଲେ । ୨୦୦୪ ମସିହାରେ ତାଙ୍କର ବିବାହ ହୋଇଥିଲା । ବହୁ ଗୁଣ ସମ୍ପନ୍ନର ଅଧିକାରୀ ଥିଲେ । ସତ୍ୟନିଷ୍ଠ,ସଙ୍କୋଚ, ନିର୍ମଳ ହୃଦୟୀ,ଉତମ ଚରିତ୍ରଧାରୀ,ଭଦ୍ର,ମିଳାପି,ନିଷ୍କପଟି,ଉତ୍ସର୍ଗୀ ଏବଂ ସାହାସୀ ଯୁବକ ଥିଲେ । ମରକଜି ଅତିଥିମାନଙ୍କର ସେବା ଓ ସତ୍କାର କରିବାରେ ଆଗଭର ଥିଲେ । ଜମାତ ସେବାରେ ମଧ୍ୟ ତତ୍ପର ରହୁଥିଲେ । ସମସ୍ତଙ୍କ ସହ ସଦ୍‌ବ୍ୟବହାର କରୁଥିଲେ । ସ୍ୱର୍ଗୀୟ ଶହୀଦଙ୍କ ଭାଇ ମଜହର ଅଲି ସାହେବ କୁହନ୍ତି ଦୈନ୍ୟନ୍ଦିନ ନମାଜ ନିୟମିତ ଭାବେ ତଥା ଜୁମା ନମାଜର ବିଶେଷ ଭାବେ ଧ୍ୟାନ ରଖୁଥିଲେ । ସ୍ୱର୍ଗୀୟ ଶହୀଦଙ୍କ ନମାଜ ଜୁମାରେ ନିୟମିତତା ଦେଖି ଅଣଅହମଦି ଭାଇମାନେ ମଧ୍ୟ ଜୁମା ନମାଜ ସମୟରେ ଦୋକାନ ବନ୍ଦ କରି ନମାଜ ପଢିବାକୁ ଯାଇଥାନ୍ତି । ଏବଂ କହିଥାନ୍ତି କି ଯଦି ଏ ମିର୍ଜାୟୀ(ମିର୍ଜା ସାହେବଙ୍କୁ ଅନୁଶରଣ କରିବାବାଲା) ଜୁମା ସମୟରେ ଦୋକାନ ବନ୍ଦ କରି ନମାଜକୁ ଯାଇପାରୁଛି ତା ହେଲେ ଆମକୁ ମଧ୍ୟ ଦୋକାନ ବନ୍ଦ କରି ଜୁମା ନମାଜକୁ ଯିବା ଉଚିତ୍ । ଆପଣ ଏଥି ପାଇଁ ଜୁମା ପଢିବାକୁ ସର୍ବଦା ଯାଇଥାନ୍ତି କି ଆପଣଙ୍କୁ ଦେଖି ଅଣଅହମଦି ଭାଇମାନେ ମଧ୍ୟ ଜୁମାକୁ ଯାଇଥାନ୍ତି । ଆପଣଙ୍କ ସ୍ତ୍ରୀ କହିଲେ ଗତ ମାସ ଠାରୁ ସ୍ୱର୍ଗୀୟଙ୍କ ସ୍ୱଭାବରେ ଖାସ ପରିବର୍ତନ ଦେଖିବାକୁ ମିଳିଥିଲା । ମୋର ଧ୍ୟାନ ପୂର୍ବାପେକ୍ଷା ଅଧିକ ରଖୁଥିଲେ । କୌଣସି ରାଗ ରୋଷକୁ ଖରାପ ମଣୁନଥିଲେ । ସ୍ୱର୍ଗୀୟ ଶହୀଦ ଅଲ୍ଲାଃଙ୍କ ଦୟାରୁ ମୁସୀ(ଇଚ୍ଛାପତ୍ରଧାରୀ)ଏବଂ ମରଣ ସମୟରେ ସେକ୍ରେଟାରୀ ଏସଲାଃ ଓ ଇଶାଦ ବଦବି ସହ ସେବାକାର୍ଯ୍ୟ କରିବାର ସୌଭାଗ୍ୟ ପାଇଥିଲେ । ଏତଦବ୍ୟତୀତ ଭିନ୍ନ କ୍ଷମରେ ଜମାତର ସେବାକାର୍ଯ୍ୟ କରିବାର ସୌଭାଗ୍ୟ ପାଇଥିଲେ । ସମସ୍ତ ଜମାତି କାର୍ଯ୍ୟରେ ଆଗଭର ରହୁଥିଲେ । ସ୍ୱର୍ଗୀୟ ଶହୀଦଙ୍କୁ ବିରୋଧି ଗୋଷ୍ଠୀର ଶତ୍ରୁତା ଥିଲା । ସେଥି ପାଇଁ ସେ ପୋଲିସ ଏବଂ ବ୍ୟବସ୍ଥାପକଙ୍କ ନିକଟରେ ଲିଖିତ ଅଭିଯୋଗ ଆଣିଥିଲେ । ୧୪ ଅଗଷ୍ଟ ୨୦୧୨ ମସିହାରେ ପ୍ରାୟ ୫୦୦ ଶହ ବ୍ୟକ୍ତଙ୍କ ଜନ ସମୂହ ପୋଲିସଙ୍କ ତତ୍ୱାବଧାନରେ କମରୁଜ୍ ଜିଆ ସାହେବଙ୍କ ଘର ଠାରେ ରୁଣ୍ଡ ହେଲେ । ବିରୋଧିଙ୍କ ଚାପ ଫଳରେ ଜଣେ ପୋଲିସ ଦୋକାନ କାଉଂଟର ଉପରେ ଚଢି ଫଟୋ ବାହାର କରିବାକୁ ଲାଗିଲା । ଦୋକାନ କବାଟରେ ଲେଖା ହୋଇଥିବା ''ଅଲ୍ଲାହୁ ଖୈରୁର୍ ରାଜିକିନ୍ '' ଏବଂ ପବିତ୍ର କଲମା ଉପରେ କଳା ରଂଗ ବୋଳିଦେଲା । ତା ପରେ ସେହି ଘରର କାନ୍ଥରେ ନିର୍ମିତ ''ଆଲୈସଲ୍ଲାହୁ ବିକାଫିନ୍ ଅବ୍‌ଦହୁ ''ଏବଂ ''ମାଶାଅଲ୍ଲାଃ''ର ଲେଖାକୁ ଛେନି ହାତୋଡ଼ି ଦ୍ୱାରା ଖୋଳି ଭାଙ୍ଗିଲେ । ପରିଶେଷରେ ଘର ବାହାରେ ଲେଖା ଯାଇଥିବା ଠିକଣା ପ୍ଲେଟ ଯେଉଁଥିରେ କମରୁଜ୍ ଜିଆ ସାହେବଙ୍କ ପିତାଙ୍କ ନାମ ମୁହମ୍ମଦ ଅଲି ଲେଖା ହୋଇଥିଲା, ସେହି ନାମ ମଧ୍ୟରୁ ''ମୁହମ୍ମଦ''ଶବ୍ଦକୁ ମଧ୍ୟ ଛେନି ହାତୋଡ଼ି ଦ୍ୱାରା ଖୋଳି ଭାଙ୍ଗି ଦିଆଗଲା । ଏହାତ ସେହି ,ଶେକମାନଙ୍କର ଅବସ୍ଥା । ଏହି ପରିସ୍ଥିତିରେ କେବଳ ଇନ୍ନା ଲିଲ୍ଲାହେ ୱ ଇନ୍ନା ଇଲୈହି ପଢିନେବା ବ୍ୟତୀତ ଆଉ କ'ଣ ବା କରିପାରିବା ।

ସେହିଭଳି ୨୬ ଜାନୁଆରୀ ୨୦୧୪ ମସିହାକୁ ଚାଳିଶରୁ ପଚାସ ସଂଖ୍ୟାରେ ମୁଲ୍ଲାମାନଙ୍କର ଏକ ସମୂହଗୋଷ୍ଠୀ କମରୁଜ ଜିଆ ସାହେବଙ୍କୁ ତାଙ୍କ ଦୋକାନରୁ ବଳପୂର୍ବକ ବାହାରକୁ ଟାଣିଆଣି ଅତ୍ୟାଚାର କରିବା ସହ ହଜରତ ମସିହ ମଉଦଅ.ସଙ୍କ ଫଟୋକୁ ଅସମ୍ମାନୀତ କରିଥିଲେ । ଏବଂ ଅଭଦ୍ରାମି ଭାଷାବ୍ୟକ୍ତ କରିଥିଲେ । ଘଟଣାସ୍ଥଳରେ ପୋଲିସ ପହଂଚି କମରୁଜ୍ ଜିଆ ସାହେବଙ୍କୁ ଥାନା ନେଇଗଲା । ପରେ ବିରୋଧିମାନଙ୍କ ବିପକ୍ଷରେ କୌଣସି କାର୍ଯ୍ୟକରୀ ନକରି ସମସ୍ୟାକୁ ପ୍ରତ୍ୟାହାର କରିଦେଲେ । ଏପରି ସେଠାରେ ବିରୋଧାତ୍ମକ ପରିସ୍ଥିତି ଥିଲା । ସଦାସର୍ବଦା ତାଙ୍କୁ ଧମକ ଦିଆ ଯାଉଥିଲା । ସେଥିବ ଯୋଗୁଁ ତାଙ୍କର ଚିନ୍ତା ଥବଲା କି ବିଦେଶକୁ ଚାଲିଯିବେ । କିନ୍ତୁ ଅଲ୍ଲାଃତାଲା ତାଙ୍କୁ ଶହୀଦର ସମ୍ମାନ ପ୍ରଦାନ କଲା । ଏବଂ ନିଜ ନିକଟକୁ ଡ଼ାକିନେଲେ ।

ସ୍ୱର୍ଗୀୟ ଶହୀଦ ମୃତ୍ୟୁ ଶଯ୍ୟାରେ ଦୁଇଗୋଟି ଭାଇ, ଦୁଇଗୋଟି ଭଉଣୀଙ୍କ ସହ ପିତା ମୁହମ୍ମଦ ଅଲି ସାହେବ,ସ୍ତ୍ରୀ ରୁବି କମର ସାହେବା,ତିନି ଗୋଟି ସନ୍ତାନ ହଜିଫା ଅହମଦ ବୟସ ୧୦ ବର୍ଷ, ପୁତ୍ରୀ ଅମତୁଲ ମତିନ୍ ବୟସ ସାତ ବର୍ଷ ଏବଂ ଦ୍ୱିତୀୟ କନ୍ୟା ଅମୁଲ ହାଦି ବୟସ ୪ ବର୍ଷ ଛାଡ଼ି ଯାଇଛନ୍ତି । ଅଲ୍ଲାଃତାଲା ଆମର ଏହି ଶହୀଦ ଭାଇଙ୍କୁ ସ୍ୱର୍ଗରେ ଉଚ୍ଚ ସ୍ଥାନ ପ୍ରଦାନ କରନ୍ତୁ । ନିଜ ସାନ୍ନିଧ୍ୟର ସ୍ୱର୍ଗରେ ଉଚ୍ଚ ସ୍ଥାନ ପ୍ରଦାନ କରନ୍ତୁ । ସ୍ୱର୍ଗର ଅନୁଗ୍ରହ ପ୍ରଦାନ କରନ୍ତୁ । ଅଲ୍ଲାଃଙ୍କ ପ୍ରିୟଜନ ମାନଙ୍କ ନିକଟରେ ସ୍ଥାନ ଦିଅନ୍ତୁ ।

## *ପୃଷ୍ଠା ନଂ ୮ ର ଅବଶିଷ୍ଟାଂଶ .......*

ଅତଏବ ଏହି ଧର୍ମଭୀରୁତା ଆମେ ନିଜ ଭିତରେ ସୃଷ୍ଟି କରି ଇସଲାମର ସୁନ୍ଦର ଶିକ୍ଷା ସହ ସଂସାରବାସୀଙ୍କୁ ଅବଗତ କରାଇବା ଉଚିତ କି ଇସଲାମର ପ୍ରସାର ନିମନ୍ତେ ଧର୍ମଭୀରୁତା ସର୍ତ ଅଟେ । ଅତଏବ ଅନ୍ୟାୟ ଓ ଅତ୍ୟାଚାର କରିବା ପରିବର୍ତେ ଧର୍ମଭୀରୁତାରେ ଆଗକୁ ବଢିବା ଉଚିତ । ଦେଖ ଇସଲାମର ନାମ ନେଇ ଆଜିକାଲି ଯେଉଁ ଆକ୍ରମଣ ଓ ବିସ୍ଫୋରଣମାନ ଘଟାଯାଉଛି ସେଥିରେ ଇସଲାମର ସମ୍ମାନ ବୃଦ୍ଧି ହେଉ ନାହିଁ ବରଂ ସମ୍ମାନ ହାନି ହେଉଛି ଏବଂ ନିରୀହ ଲୋକମାନଙ୍କୁ ହତ୍ୟା କରି ଏମାନେ ନିଜ ପାଇଁ ଆଲ୍ଲାଃଙ୍କ ପ୍ରକୋପ ଟାଣି ଆଣି ଆଣୁଛନ୍ତି ।

ବିଗତ ଦିନରେ ବେଲଜିୟମରେ ଏହିପରି ଅଘଟଣ ଘଟାଇ ନିରୀହ ଲୋକମାନଙ୍କୁ ହତ୍ୟା କରିବା ସହ ସତାଧିକ ଲୋକମାନଙ୍କୁ କ୍ଷତବିକ୍ଷତ କରାଗଲା । ଏମାନେ ଏପରି କର୍ମ କରି ଅଲ୍ଲାଃଙ୍କୁ ପ୍ରସନ୍ନ କରୁନାହାନ୍ତି । ଯେତେବେଳେ କି ହଜରତ ମସିହ ମଉଦଆ.ସ ଏହା ସ୍ପଷ୍ଟ କରିଦେଇଛନ୍ତି କି ବର୍ତମାନ ଧର୍ମ ନାମରେ ଯୁଦ୍ଧ ଓ ଅତ୍ୟାଚାର କରିବା ନିଷିଦ୍ଧ ଅଟେ । ଏପରି ହରକତ କେବଳ ଅଲ୍ଲାଃଙ୍କ ପ୍ରକୋପ ଟାଣିଆଣିବା ବ୍ୟତିତ ଅନ୍ୟ କିଛି ହାସଲ ହୋଇନଥାଏ । ଆଜିର ଏହି ପୂର୍ଣ ବିକଶିତ ଯୁଗରେ କେହି କହିପାରିବେ ନାହିଁ ଯେ ଆପଣଙ୍କର ଏହି ସନ୍ଦେଶ ଆମ ନିକଟରେ ପହଂଚି ନାହିଁ । ସମସ୍ତେ ଏହି ସନ୍ଦେଶ ସହ ଅବଗତ । ଅଲ୍ଲାଃ ଧର୍ମ ନାମରେ ଏପରି ଅବିଚାର କରୁଥିବା ଲୋକମାନଙ୍କୁ ସଦ୍‌ବୁଦ୍ଧି ପ୍ରଦାନ କରନ୍ତୁ କି ସେମାନେ ଯୁଗର ସୁଦ୍ଧାରକଙ୍କ କଥା ପ୍ରତି କାନ ଦେଇ ଏପରି ଅବିଚାର ଓ ଅତ୍ୟାଚାରରୁ ନିବୃତ ରହିବା ସହ ପ୍ରକୃତ ହତିଆର ବ୍ୟବହାର କରନ୍ତୁ ଯାହାକି ହଜରତ ମସିହ ମଉଦଆ.ସ ଙ୍କୁ ପ୍ରଦାନ କରାଯାଇଛି,ସେମାନେ କୌଣସି ଗୋଷ୍ଠୀ ହୁଅନ୍ତୁ ଅବା ପ୍ରଶାସକ ଦଳ । ହଜରତ ମସିହ ମଉଦଆ.ସ କୁହନ୍ତି-ବର୍ତମାନର ଅବଶ୍ୟକତା କଲମ(ଜେହାଦ)ର ନା କି ଖଣ୍ଡାର । ଆମ ବିରୋଧୀମାନେ ଇସଲାମ ଉପରେ ଯେଉଁ ଆପତି କରୁଛନ୍ତି ତାହା ମୋତେ ଏଥିପ୍ରତି ଧ୍ୟାନ ଆକର୍ଷିତ କରୁଛି କି ମୁଁ ଇସଲାମର ଆଧ୍ୟାତ୍ମିକ ଓ ଅର୍ନ୍ତନିହିତ ଶକ୍ତିର ଚମତ୍କାର କଲମ ମାଧ୍ୟମରେ ଦର୍ଶାଇ ଦେବି । ହଜୁର କୁହନ୍ତି ଏକଦା ମୁଁ ଉକ୍ତ ଆପତି ଓ ଅଭିଯୋଗ ଗୁଡ଼ିକୁ ଗଣନା କରି ଦେଖିଲି ଯେ ତାହା ପାଖାପାଖି ୩୦୦୦ ଅଟେ । ସେଗୁଡ଼ିକ ଅଜ୍ଞ ବ୍ୟକ୍ତିମାନଙ୍କ ଦୃଷ୍ଟିରେ ଆପତି ଅଟେ କିନ୍ତୁ ସେଗୁଡ଼ିକର ଅନୁଧ୍ୟାନ କରିବାରୁ ମୁଁ ଯେଉଁ ଅନନ୍ୟ ରହସ୍ୟର ସନ୍ଧାନ ପାଇଲି ତାହା ସେ ଅଜ୍ଞ ବ୍ୟକ୍ତିମାନେ କଦାପି ପ୍ରାପ୍ତ କରିପାରିବେ ନାହିଁ । ପ୍ରକୃତରେ ଏହା ଅଲ୍ଲାଃଙ୍କ କାର୍ଯ୍ୟ ଯେ,ସେ ଉକ୍ତ ଅନ୍ଧ ଆପତିକାରୀଙ୍କ ଦୃଷ୍ଟିରୁ ସେହି ଜ୍ଞାନ ଓ ରହସ୍ୟର ଗୁପ୍ତଧନକୁ ଲୁଚାଇ ରଖିଥିଲେ ଏବଂ ତାହାର ପ୍ରକାଶ କରିବା ମୋ ହାତରେ ଧାର୍ଯ୍ୟ ଥିଲା । ପୁଣି ଖ୍ରୀଷ୍ଟ ଧର୍ମୀମାନେ ଏପରି ମନଗଢା ବିଶ୍ୱାସ ଆପଣାଇ ନେଇଛନ୍ତି ଯେ ତାହାର ସେମାନଙ୍କୁ ହିଁ ବୁଝା ପଡୁନାହିଁ । ଏହାର ଉଦାହରଣ ଏପରି ଅଟେ,ଯେମିତିକି ଜଣକ ଗଳାରେ ଏକ ଢୋଲ ଲଟକାଇ ଦିଆଯାଏ ଓ ସେ ତାହାକୁ ବଜାଇବାକୁ ଲାଗେ । ତେବେ ସେମାନଙ୍କ ନୀୟମାବଳୀର କଣ ବା ଚର୍ଚ୍ଚା କରିବା । ସତ୍ୟ ଏହିକି ଯେ,ଇସଲାମ ଯେଉଁ ଶିକ୍ଷା ପ୍ରଦାନ କରୁଅଛି ଏବଂ ସେଥିପାଇଁ ଅଲ୍ଲାଃ ମୋତେ ତାହାର ସତ୍ୟତା ପ୍ରତିପାଦନ କରିବା ନିମନ୍ତେ ଆଦେଶ ଦେଇଛନ୍ତି । ଦେଖ ଇସଲାମର ଏହା କେତେ ବଡ ବିଶେଷତା ଯେ,ସେ ପ୍ରତ୍ୟେକ ଯୁଗରେ (ସୁଦ୍ଧାରକ ମାନଙ୍କୁ ପ୍ରେରଣ କରି) ନିଜର ନିଦର୍ଶନ ଦେଖାଇ ଚାଲିଛି ଏବଂ ଅଲ୍ଲାଃ କଦାପି ଇସଲାମକୁ ଏକାକି ଛାଡି ଦେଇନାହାନ୍ତି । ଏହି ଯୁଗରେ ମୋତେ ପ୍ରେରଣ କରିବାରେ ଉଦ୍ଦେଶ୍ୟ ସେହି ନିଦର୍ଶନଗୁଡିକୁ ଦେଖାଇବା ଅଟେ । ସୁତରାଂ ଭାଗ୍ୟବାନ ସେ ଯେ କି ସତ୍ୟର ସନ୍ଧାନରେ ମୋ ନିକଟକୁ ଆସେ ଏବଂ ତାହାକୁ ଦେଖି ସ୍ୱୀକାର କରିନିଏ ।

ପୁଣି ମୁସଲମାନମାନଙ୍କ ଭ୍ରମଧାରଣା ଅର୍ଥାତ ହଜରତ ଈଶା ଆକାଶରେ ଜୀବିତ ବସିଛନ୍ତିର ଖଣ୍ଡନ କରି ଏପରି ଭ୍ରମ ଧାରଣାଗୁଡ଼ିକୁ ଦୂର କରିବା ଯାହାକି ଖ୍ରୀଷ୍ଟ ଧର୍ମୀମାନେ ମୁସଲମାନମାନଙ୍କ ମଧ୍ୟରେ ସୃଷ୍ଟି କରିଦେଇଛନ୍ତି । ଏକ ସ୍ଥାନରେ ପ୍ରତିଶ୍ରୁତ ମସିହର ଆବଶ୍ୟକତା ସମ୍ବନ୍ଧରେ ଆପଣ କୁହନ୍ତି ଅନ୍ୟ ସମସ୍ତ କାରଣଗୁଡ଼ିକୁ ବାଦ ଦେଇ କେବଳ ହଜରତ ମୁସାଆ.ସଙ୍କ ସମ୍ପ୍ରଦାୟ ସହ ଇସଲାମର ସମନ୍ବୟ ଏହା ଦରକାର କରୁଛି କି ବର୍ତମାନ ଏକ ସୁଧାରକର ଆସିବା ନିତ୍ୟାନ୍ତ ଆବଶ୍ୟକୀ । କାରଣ ହଜରତ ମୁସାଆ.ସ ଙ୍କ ୧୪୦୦ବର୍ଷ ପରେ ହଜରତ ଈସା ଅସିଥିଲେ । ଏହା ଏକ ଦୃଷ୍ଟାନ୍ତ କିନ୍ତୁ ଯେଉଁମାନେ କହୁଛନ୍ତି କି ହଜରତ ଈସା ମସି ହିଁ ପୁର୍ନବାର ଅବତୀର୍ଣ୍ଣ ହେବେ ସେମାନେ ଏହାର କୌଣସି ପ୍ରମାଣ ତ ଦିଅନ୍ତୁ । ଯଦି ସେମାନେ ଏପରି ନକରନ୍ତି ଏବଂ କଦାପି ସେମାନେ ଏପରି କରିପାରିବେ ନାହିଁ । ତେବେ ଏପରି ମନଗଢା କଥନକୁ କାହିଁକି ଶ୍ରେୟ ଦେଉଛନ୍ତି । ଏପରି କଥନରୁ ନିବୃତ ରୁହ ନଚେତ ଧ୍ୱଂସାଭିମୁଖ ହେବ । ମୋତେ ମୁସଲମାନମାନଙ୍କ ଅବସ୍ଥା ଦେଖି ଦୁଖ ଲାଗୁଛି ସେମାନଙ୍କ ସମ୍ମୁଖରେ ୟହୁଦିମାନଙ୍କ ନମୁନା ରହିଛି,ପୁଣି ପାଂଚ ବେଳା ନମାଜରେ **ଗୟରିଲ ମଗଜୁବେ ଆଲୈହିମ**ର ଦୁଆ କରିବା ସହ ବୁଝୁଛନ୍ତି ଯେ,ଏହା ୟହୁଦିମାନଙ୍କ ସମ୍ପର୍କରେ ଦର୍ଶାଯାଇଛି । ତଥାପି ମନଗଢା କଥାକୁ ଧରି ବସିଛନ୍ତି ।

*କ୍ରମଶଃ.......*

ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ, ଅଂଟ । ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ପାଇଁ ପାଠକ ପାଠିକାମାନଙ୍କୁ ଅନୁରୋଧ ।

EDITOR
Qamarul Haque Khan
**Sub-Editor** : Fazal Haque Khan
Mobile : + 91 9437645667
e-mail : odiabadr@gmail.com
website : www.akhbarbadrqadian.in
www.alislam.org/badr

**Title Code: PUNODI00001**

*The Weekly* **BADAR** *Qadian* ସାପ୍ତାହିକ ବଦର କାଦିଆନ
Distt. Gurdaspur (Pb.) INDIA Qadian - 143516

**Vol. 1** **Thursday 07 April 2016** **Issue No. 5**

MANAGER
NAWAB AHMAD
Mobile : +91 94170- 20616
Tel. : +91 1872-224757
E-mail : managerbadrqnd@gmail.com
**ANNUAL SUBSCRIPTION** : Rs.300/-

**ମାର୍ଚ୍ଚ ୨୩ ତାରିଖ ଜମାଅତ ଅହମଦିୟା ପାଇଁ ଏକ ଗୁରୁତ୍ୱପୂର୍ଣ ଦିବସ ଅଟେ । କାରଣ ଏହି ଦିନ ଅଲ୍ଲାଃତାଲା ନିଜ ପ୍ରିୟ ନବୀ ହଜରତ ମୁହମ୍ମଦ[ସ.ଆ] ଙ୍କ ସହ କରିଥିବା ପ୍ରତିଶ୍ରୁତି ଓ ଆପଣଙ୍କର ଭବିଷ୍ୟବାଣୀ ପୂରଣ କରି, ଇସଲାମର ପୂନରୁଦ୍ଧାରର ସୁଭାରମ୍ଭ କଲେ ।**

## ୨୫ମାର୍ଚ୍ଚ ୨୦୧୬ ଖୁତ୍‌ବା ଜୁମାର ସାରାଂଶ, ସ୍ଥାନ : ମସଜିଦ ବୈତୁଲ୍ ଫୋତୁହ ଲଣ୍ଡନ

ତଶହୁଦ,ତଉଜ ଓ ସୁରେ ଫାତିହାର ଆବୃତି ପରେ ହୁଜୁର ଅନଓର[ଅ.ବ] କହିଲେ-ଦୁଇ ଦିନ ପୂର୍ବେ ମାର୍ଚ୍ଚ ୨୩ ତାରିଖ ଥିଲା । ଜମାଅତ ଅହମଦିୟା ପାଇଁ ଏକ ଗୁରୁତ୍ୱପୂର୍ଣ ଦିବସ ଅଟେ । କାରଣ ଏହି ଦିନ ଅଲ୍ଲାଃତାଲା ନିଜ ପ୍ରିୟ ନବୀ ହଜରତ ମୁହମ୍ମଦ [ସ.ଆ] ଙ୍କ ସହ କରିଥିବା ପ୍ରତିଶ୍ରୁତି ଓ ଆପଣଙ୍କର ଭବିଷ୍ୟବାଣୀ ପୂରଣ କରି, ଇସଲାମର ପୂନରୁଦ୍ଧାରର ସୁଭାରମ୍ଭ କଲେ । ଅଲ୍ଲାଃତାଲା ଏହି ଦିନ ହଜରତ ମିର୍ଜା ଗୁଲାମ ଅଦମଦ[ଆ.ସ] ଙ୍କୁ ମସିହ ମଉଦ ଓ ମେହେଦି ମଉଦ ଘୋଷଣା କରିବାର ଅନୁମତି ପ୍ରଦାନ କଲେ । ଯେ ଅଲ୍ଲାଃଙ୍କ ଏକେଶ୍ୱରବାଦକୁ ସଂସାରରେ ସ୍ଥାପନ କରିବା ସହ ଇସଲାମକୁ ସର୍ବଶ୍ରେଷ୍ଠ ଧର୍ମ ପ୍ରମାଣିତ କରିବା ଓ ହଜରତ ମୁହମ୍ମଦ[ସ.ଆ]ଙ୍କ ପ୍ରେମ ପ୍ରତ୍ୟେକଙ୍କ ହୃଦୟରେ ଭରିଦେବା ପାଇଁ ଆସିବାରଥିଲା । ଅତଏବ ଆଜି ଅମେ ସେହି ଭାଗ୍ୟବାନ ଗୋଷ୍ଠୀ ଯେ କି ହଜରତ ମସିହ ମଉଦ[ଆ.ସ] ଙ୍କ ଜମାଅତରେ ଶାମିଲ ହୋଇଛେ । ଆମକୁ ମନେରଖିବା ଉଚିତ ଯେ,ଆପଣଙ୍କ ଜମାଅତର ଅଂଶ ହେବା ଯେଉଁ ସ୍ଥଳେ ଆନନ୍ଦ ଓ କୃତଜ୍ଞତାର ବିଷୟ । ସେଠାରେ ଆମର ଏଥିପ୍ରତି କର୍ତବ୍ୟ ମଧ ବଢିଯାଉଛି । ସୁତରାଂ ଆମକୁ ଏହି କର୍ତବ୍ୟଗୁଡିକୁ ବୁଝିବା ସହ ତାହାର ନିର୍ବାହ ପ୍ରତି ଧ୍ୟାନ ଦେବା ଉଚିତ୍ । ଆମର କର୍ତବ୍ୟ କଣ ? ଏହିକି ଯେ ହୁଜୁର[ଆ.ସ] ଙ୍କ କାର୍ଯ୍ୟକୁ ଆଗେଇନେବା ଯେଉଁଥିପାଇଁ ଆପଣଙ୍କର ଆର୍ବିଭାବ ହୋଇଥିଲା । ତେବେଯାଇ ଆମେ ସେହି ଗୋଷ୍ଠୀର ଅନ୍ତର୍ଭୁକ୍ତ ହୋଇପାରିବା ଯେଉଁମାନଙ୍କୁ କି ଆପଣଙ୍କୁ ସ୍ୱୀକାର କରି ନୂତନ ପୃଥିବୀ ଓ ଆକାଶ ତିଆରି କରିବାର ଥିଲା । ଅତଏବ ଏଥିପାଇଁ ଆମକୁ ହଜରତ ମସିହ ମଉଦ[ଆ.ସ] ଙ୍କ ଆର୍ବିଭାବର ଉଦ୍ଦେଶ୍ୟକୁ ଦେଖିବାକୁ ହେବ ଯେ, ଏହାକୁ ଆମେ କେଉଁ ପର୍ଯ୍ୟନ୍ତ ବୁଝି ନିଜକୁ ତଥା ମୁତାବକ ପ୍ରସ୍ତୁତ କରିଛେ । ପୁଣି ଏହାର ପ୍ରଚାର ଓ ପ୍ରସାରରେ ଆମର ଭୂମିକା କଣ ରହିଛି । ହଜରତ ମସିହ ମଉଦ[ଆ.ସ] ଏକ ସ୍ଥାନରେ କୁହନ୍ତି- ଅଲ୍ଲାଃତାଲା ମୋତେ ଯେଉଁ କାର୍ଯ୍ୟ ସମ୍ପାଦନର ଆଦେଶ ଦେଇଛନ୍ତି ତାହା ଏହିକି ଯେ, ସୃଷ୍ଟି ଓ ସ୍ରଷ୍ଟା ମଧ୍ୟରେ ଯେଉଁ ବିଚ୍ଛେଦ ଉତ୍ପନ୍ନ ହୋଇଛି ତାହାକୁ ଦୂର କରି ପ୍ରେମ ଓ ନିଷ୍ଠାପରତାର ସମ୍ପର୍କକୁ ପୁନଃ ପ୍ରତିଷ୍ଠା କରିବା । ଦ୍ୱିତୀୟରେ ସତ୍ୟର ପ୍ରକାଶ କରି ଧାର୍ମିକ କଳହର ଅନ୍ତ ଘଟାଇ ସନ୍ଧିର ସ୍ଥାପନ କରିବା । ପୁଣି ଧର୍ମର ସତ୍ୟତା ଯାହାକି ସଂସାରବାସୀଙ୍କ ଦୃଷ୍ଟିରୁ ଅଦୃଶ ହୋଇଯାଇଛି,ସେମାନଙ୍କ ଦୃଷ୍ଟିଗୋଚର କରାଇବା । ଚତୁର୍ଥରେ ସେହି ଆଧ୍ୟାତ୍ମିକ ଶକ୍ତି ଯାହାକି କାମନାର ଅନ୍ଧକାରରେ ଦବି ରହିଯାଇଛି,ତାହାକୁ ପ୍ରାପ୍ତ କରିବାର ନମୁନା ଦେଖାଇବା । ପୁଣି ଯେଉଁ ଐଶ୍ୱରିକ ଶକ୍ତି ମାନବ ଶରୀରରେ ପ୍ରବେଶ କଲେ ଅଲ୍ଲାଃଙ୍କ ଭକ୍ତି ଓ ପ୍ରାର୍ଥନା କରିବା ପ୍ରତି ଇଚ୍ଛା ଜାଗ୍ରତ ହୋଇଥାଏ,ତାହାକୁ କେବଳ ବର୍ଣ୍ଣନା କରିବା ନୁହେଁ ବରଂ ତାହାର ନିଦର୍ଶନ ଦେଖାଇବା । ପୁଣି ସବୁଠାରୁ ବଳି ନିର୍ମଳ ଏକେଶ୍ୱରବାଦ ଯାହାକି ସମସ୍ତ ପ୍ରକାରର ଶିରକ୍‌ରୁ ଉର୍ଦ୍ଧରେ, ତାହାକୁ ସଦାସର୍ବଦା ପାଇଁ ପ୍ରତିଷ୍ଠିତ କରିଦେବା । ଏ ସମସ୍ତ କାର୍ଯ୍ୟ ସମ୍ପାଦନ କରିବା ମୋ ସାମର୍ଥ୍ୟ ବାହାରେ,ତେଣୁ ଏସବୁ କେବଳ ଅଲ୍ଲାଃଙ୍କ ଶକ୍ତି ଦ୍ୱାରା କାର୍ଯ୍ୟକାରୀ ହେବ ଯେ କି ଏ ଆକାଶ ଓ ପୃଥିବୀର ପାଳନକର୍ତା ଅଟନ୍ତି ।

ସୁତରାଂ ଉପରୋକ୍ତ ଗୁରୁତ୍ୱପୂର୍ଣ ପରିଚ୍ଛେଦଟିରେ ସାତ ଗୋଟି ମୂଳ ତଥ୍ୟ(କାର୍ଯ୍ୟ)ର ବର୍ଣ୍ଣନା କରାଯାଇଛି ଯାହାକି ଏହି ଯୁଗ ପାଇଁ ଆବଶ୍ୟକ ଅଟେ । ଯାହାର ସାରାଂଶ ହଜରତ ମସିହ ମଉଦ[ଆ.ସ] ଏହି ଉକ୍ତିରେ ରଖିଛନ୍ତି । ପୁଣି ଯେତେବେଳେ ଆପଣ ଏହା ସ୍ପଷ୍ଟ କରିଦେଲେ କି ଏଥିପାଇଁ ଅଲ୍ଲାଃ ମୋତେ ପ୍ରେରଣ କରିଛନ୍ତି । ଏହାର ଅର୍ଥ ଆପଣଙ୍କ ମାନ୍ୟକାରୀମାନେ ଉକ୍ତ ସମସ୍ତ କାର୍ଯ୍ୟ ସମ୍ପାଦନ କରିବା ପ୍ରତି ମଧ ନିଜକୁ ପ୍ରସ୍ତୁତ କରିବା ଉଚିତ । ଅତଏବ ଆମର ସର୍ବ ପ୍ରଥମ କାର୍ଯ୍ୟ ଏହା ହେବା ଉଚିତ ଯେ ଆମେ ଅଲ୍ଲାଃଙ୍କ ସହ ନିଜ ସମ୍ପର୍କକୁ ନିବିଡ କରିବା ଉଚିତ । ଅଲ୍ଲାଃ,ରସୁଲ ଓ ତାଙ୍କର ଆଣିଥିବା ଧର୍ମ ସହ ପ୍ରେମ ଓ ନିଷ୍ଠାପରତାର ସମ୍ପର୍କକୁ ମଜବୁତ କରିବା ଉଚିତ । ସଂସାରବାସୀଙ୍କୁ ଅବଗତ କରାଇବା କି ହଜରତ ମସିହ ମଉଦ[ଆ.ସ] ଙ୍କ ଆଗମନ ଫଳରେ ଧାର୍ମିକ ଯୁଦ୍ଧର ଅନ୍ତ ଘଟିଛି । ବର୍ତମାନ ସମସ୍ତ ସଂସାରବାସୀଙ୍କୁ ଗୋଟିଏ ଧର୍ମରେ ଏକତ୍ର କରିବା ନିମନ୍ତେ ଅଲ୍ଲାଃ ହଜରତ ମୁହମ୍ମଦ[ସ.ଆ] ଙ୍କର ଏହି ଦାସଙ୍କୁ ସମସ୍ତ ଅବତାରଙ୍କ ବେଶରେ ପ୍ରେରଣ କରିଛନ୍ତି । ଅପଣଙ୍କ ଆଗମନର ଲକ୍ଷ ବର୍ତମାନ ଆମକୁ ହିଁ (ଇସଲାମର ସୁନ୍ଦର ଶିକ୍ଷା ଓ ସତ୍ୟତା) ସଂସାରବାସୀଙ୍କୁ ଅବଗତ କରାଇବାକୁ ହେବ । ଏଥିପାଇଁ ଆମକୁ ଉତମ ନମୁନା ପ୍ରଦର୍ଶନ କରିବାକୁ ହେବ । ଆମକୁ ନିଜ ସାଂସାରିକ କାମନାରୁ ଉର୍ଦ୍ଧକୁ ଉଠି ଆଧ୍ୟାତ୍ମିକତାରେ ଉନ୍ନତି କରିବାକୁ ହେବ । ସଂସାରବାସୀଙ୍କୁ ଏହାର ନିଦର୍ଶନ ଦେଖାଇବାକୁ ହେବ ଯେ,ଆଜି ମଧ ଅଲ୍ଲାଃ ଆମ ପ୍ରର୍ଥନା ଶୁଣୁଛନ୍ତି ଏବଂ ନିଜ ପ୍ରିୟ ଜନମାନଙ୍କ ସହ ବାର୍ତାଳାପ କରୁଛନ୍ତି ଯେପରିକି ସେ ପୂର୍ବେ କରୁଥିଲେ ଏବଂ ନିଜ ନିଷ୍ଠାପର ଭକ୍ତମାନଙ୍କ ଆତ୍ମତୃପ୍ତି ନିମନ୍ତେ ବ୍ୟବସ୍ଥା ମଧ କରି ଚାଲିଛନ୍ତି । ପୃଥିବୀର ସମସ୍ତ ବସ୍ତୁ କ୍ଷଣସ୍ଥାୟୀ କିନ୍ତୁ ପରମେଶ୍ୱର ଅଲ୍ଲାଃ ଚୀରସ୍ଥାୟୀ ଅଟନ୍ତି । ସୁତରାଂ ଆମର ଅସ୍ତିତ୍ୱ ସେହି ଅଲ୍ଲାଃଙ୍କ ସହ ଯୋଡିହେବାରେ ଜୀବିତ ରହିପାରିବ । ଅତଏବ ମାର୍ଚ୍ଚ ୨୩ ତାରିଖ ଅର୍ଥାତ ୟୋମେ ମସିହ ମଉଦ ପାଳନ କରିବା ବେଳେ ଆମେ ଏସବୁ କଥା ମନେ ପକାଇବା ସହିତ ନିଜର ନିରିକ୍ଷଣ କରିବା ଉଚିତ । କାରଣ ହଜରତ ମସିହ ମଉଦ [ଆ.ସ] ଙ୍କ ଆଗମନର ଉଦ୍ଦେଶ୍ୟ ସଂସାରବାସୀଙ୍କ ମଧ୍ୟରେ ଏସବୁ ଜିନିଷ ସୃଷ୍ଟି କରିବା ଥିଲା । ହୁଜୁର ବିଭିନ୍ନ ସ୍ଥାନରେ ନିଜ ଆଗମନର ଉଦ୍ଦେଶ୍ୟ ବର୍ଣ୍ଣନା କରିଛନ୍ତି ସେଥି ମଧ୍ୟରୁ କିଛିର ଚର୍ଚ୍ଚା କରୁଅଛି । ଆପଣ କୁହନ୍ତି ଏହି ଅଧମର ଆଗମନର କାରଣ ଅଲ୍ଲାଃଙ୍କ ସନ୍ଦେଶ ସଂସାରବାସୀଙ୍କ ନିକଟରେ ପହଂଚାଇଦେବା ଓ ବର୍ତମାନ ପୃଥିବୀରେ ଯେତେସବୁ ଧର୍ମ ରହିଛି ତନ୍ମଧ୍ୟରୁ ସେହି ଧର୍ମ ସଠିକ ଅଟେ ଯେ ଅଲ୍ଲାଃଙ୍କ ଇଚ୍ଛା ମୁତାବକ ଏବଂ କୋରାନ ନେଇ ଆସିଛି ଏବଂ ମୁକ୍ତି ପାଇବାର ଏକମାତ୍ର ଦ୍ୱାର **ଲାଇଲାହା ଇଲ୍ଲାଃ ମୁହମ୍ମଦୁର ରସୁଲୁଲ୍ଲାଃ** ଅଟେ ।

ଆଉ ଏକ ସ୍ଥାନରେ ହୁଜୁର[ଆ.ସ] କୁହନ୍ତି- ମୋର ଏହି କଥା ମନେଦେଇ ଶୁଣିନିଅ କି ମୋ ଆଗମନର ମୂଳ ଉଦ୍ଦେଶ୍ୟ କେବଳ ଇସଲାମର ଆଧୁନିକରଣ ଓ ତାହାର ସମର୍ଥନ କରିବା ଅଟେ । ଏଥିରୁ ଏହା ବୁଝିବା ଉଚିତ ନୁହେଁ ଯେ,ମୁଁ କୌଣସି ନୂତନ ନିୟାମାବଳୀ(ଶରିୟତ) କିମ୍ବା ପୁସ୍ତକ ନେଇ ଆସିଅଛି । ଯଦି କେହି ଏପରି କଳନା କରୁଥାଏ । ତେବେ ମୋ ମତରେ ସେ ଅଧର୍ମି ଓ ପଥଭ୍ରଷ୍ଟ ହୋଇଯାଇଛି । ହଜରତ ମୁହମ୍ମଦ[ସ.ଆ] ଙ୍କ ସହ ନବୁଓତ ଓ ଶରିୟତ ସମ୍ପୂର୍ଣ ହୋଇଯାଇଛି । ବର୍ତମାନ ଅନ୍ୟ କୌଣସି ନୂତନ ଶରିୟତ ଆସିବାର ନାହିଁ । ପବିତ୍ର କୋରାନ ହିଁ ଅନ୍ତିମ (ଧର୍ମ) ପୁସ୍ତକ । ଏଥିରେ ଆଉ ମାତ୍ର ଗୋଟିଏ ଶବ୍ଦ କିମ୍ବା ଚିହ୍ନ ମଧ କମ କିମ୍ବା ଅଧିକ ହେବାର ନାହିଁ । ହଁ ଏହା ସତ୍ୟ ଯେ, ହୁଜୁର[ସ.ଆ] ଙ୍କ ବିଭୂତି ଓ ପବିତ୍ର କୋରାନର ସତେଜ ପ୍ରଦାନକାରୀ ଫଳ ଶେଷ ହେବ ନାହିଁ । ପ୍ରତ୍ୟେକ ଯୁଗରେ ସେ ନିଜର ସତେଜ,ସୁଗନ୍ଧ ଫଳ ପ୍ରଦାନ କରି ଚାଲିଥିବ । ଏହି ବିଭୂତିର ପ୍ରମାଣ ଦେବା ପାଇଁ ଅଲ୍ଲାଃତାଲା ମୋତେ ପ୍ରେରଣ କରିଛନ୍ତି । ପୁଣି ଆଉ ଏକ ସ୍ଥାନରେ ଆପଣ ନିଜ ଆଗମନର ଉଦ୍ଦେଶ୍ୟ ବର୍ଣନା କରି କୁହନ୍ତି-ମୋ ଆଗମନର ଦୁଇଟି ଉଦ୍ଦେଶ୍ୟ ରହିଛି । ତାହା ଏହି କି ଯେ,ମୁସଲମାନମାନଙ୍କୁ ପ୍ରକୃତ ଅଲ୍ଲାଃଙ୍କ ଭୟ ଓ ପବିତ୍ର କରାଇବା ଯାହାକି ମୁସଲମାନ ଶବ୍ଦର ଅର୍ଥ ଓ ଅଲ୍ଲାଃଙ୍କ ଅଭିଳାଷା ଅଟେ । ଦ୍ୱିତୀୟରେ ଖ୍ରୀଷ୍ଟଧର୍ମୀମାନଙ୍କ କୃଶ ବଦ୍ଧ ଅର୍ଥାତ ହଜରତ ଯିଶୁଙ୍କୁ (ଈଶ୍ୱର) ବିଶ୍ୱାସ କରୁଥିବାର ଚିନ୍ତାଧାରାକୁ ଦୂର କରିବା । ଏବଂ ସଂସାରରେ କେବଳ ଅଲ୍ଲାଃଙ୍କର ଉପାସନାକୁ ପ୍ରତିଷ୍ଠା କରିବା ଅଟେ । ମୋର ଏହି ଉଦ୍ଦେଶ୍ୟ ସମ୍ବନ୍ଧରେ ସଂସାରବାସୀ ଅବଗତ ହେବା ପରେ ସେମାନେ ମୋ ସହ ବିରୁଦ୍ଧାଚରଣ କରୁଛନ୍ତି । ମନେରଖ ଯଦି ମୋ (ଅନୁଷ୍ଠାନ) ବ୍ୟବସାୟ କରିବା ଉଦ୍ଦେଶ୍ୟରେ ହୋଇଥାଏ ତେବେ ଏହାର ଚିହ୍ନ,ବର୍ଣ ମଧ ରହିବ ନାହିଁ । କିନ୍ତୁ ଯଦି ଅଲ୍ଲାଃଙ୍କର ହୁଏ ଏବଂ ନିସନ୍ଦେହ ତାଙ୍କରି ଅଟେ ତେବେ ସମଗ୍ର ସଂସାରବାସୀ ମୋର ବିରୁଦ୍ଧାଚରଣ କଲେ ମଧ ଏହି ସମ୍ପ୍ରଦାୟ ଉନ୍ନତି କରିଚାଲିବ ଏବଂ ସ୍ୱୟଂ ଫରିସ୍ତାମାନେ ଏହାକୁ ସୁରକ୍ଷା ପ୍ରଦାନ କରିବେ(ଇନଶାଅଲ୍ଲାଃ) । ଯଦି ଜଣେ ହେଲେ ମଧ ମୋର ସାହାଯ୍ୟ ନକରେ ତଥାପି ମୋର ବିଶ୍ୱାସ ଏହି(ଅନୁଷ୍ଠାନ)ବିଜୟ ଲାଭ କରିବ । ଆଜି ଏହା ୧୨୭ତମ ବର୍ଷରେ ପାଦ ଦେଇସାରିଛି ଏବଂ ଆମେ ଦେଖୁଛେ ଯେ, ଅଲ୍ଲାଃଙ୍କ ସାହାଯ୍ୟ ସହଯୋଗ ଫଳସ୍ୱରୂପେ ଏହା କିପରି ଦିନକୁ ଦିନ ପ୍ରସାର ଲାଭ କରିଚାଲିଛି । ଅତଏବ ଏହି ସ୍ଥଳେ ଆମର କର୍ତବ୍ୟ ଯେ,ଆମେ ନିଜ ମଧ୍ୟରେ ପବିତ୍ର ପରିବର୍ତନ ଆଣି ଆପଣଙ୍କ ଉଦ୍ଦେଶ୍ୟ ପୂରଣରେ ସହେଯାଗ କରି ଉକ୍ତ କୃପାରୁ ଭାଗ ନେବା ଯାହାକି ଆପଣଙ୍କ ଆଗମନର ଉଦ୍ଦେଶ୍ୟ ଅଟେ । ଯାହାକି ଆପଣଙ୍କୁ ସ୍ୱୀକାର ପରିବା ଫଳରେ ପ୍ରାପ୍ତ ହୋଇଥାଏ ନଚେତ ଯେପରିକି ଆପଣ କୁହନ୍ତି-ଆମମାନଙ୍କ ମଧ୍ୟରୁ କାହର କୌଣସି ପ୍ରକାର ସାହାଯ୍ୟର ଅବଶ୍ୟକତା ନାହିଁ । ଅଲ୍ଲାଃ ସ୍ୱୟଂ ଫରିସ୍ତାମାନଙ୍କୁ ଆପଣଙ୍କ ସାହାଯ୍ୟ ନିମନ୍ତେ ପ୍ରେରଣ କରି ଆପଣଙ୍କ ସମ୍ପ୍ରଦାୟକୁ ଉନ୍ନତି ପ୍ରଦାନ କରୁଛନ୍ତି ଏବଂ କରି ଚାଲିଥିବେ ।

ଆଉ ଏକ ସ୍ଥାନରେ ଆପଣ କୁହନ୍ତି ଅଲ୍ଲାଃ ମୋତେ ଏଥିପାଇଁ ପ୍ରେରଣ କରିଛନ୍ତି କି ମୁଁ ଜ୍ଞାନରୂପକ ଗୁପ୍ତଧନକୁ ସଂସାରବାସୀଙ୍କୁ ପ୍ରଦାନ କରିବା ସହ ନିରର୍ଥକ ଆପତି ଯାହାକି (କୋରାନ ଓ ଇସଲାମ ତଥା ଅବତାରଙ୍କ) ଉପରେ କରାଯାଉଛି ତାହାର ଖଣ୍ଡନ କରି ତାହାର ପବିତ୍ରତା ପ୍ରକାଶ କରିବି । ବର୍ତମାନ ପବିତ୍ର କୋରାନର ସମ୍ମାନ ହାନି ନିମନ୍ତେ ଶତ୍ରୁ ଯେଉଁ ଆପତି କରିବାର ପଦକ୍ଷେପ ନେଇଛି ତାହାର ଖଣ୍ଡନ କରିବା ସେସବୁରୁ ପବିତ୍ର କରିବା ନିମନ୍ତେ ଅଲ୍ଲାଃ ଉତେଜିତ । ଅର୍ଥାତ ଶତ୍ରୁ କଲମ ମାଧ୍ୟମରେ ଯେଉଁ ଆକ୍ରମଣ କରୁଅଛି ଆମେ ଯଦି ଏପରି ପରିସ୍ଥିତିରେ ଝଗଡା କରି (ଶତ୍ରୁର) ମୁକାବିଲା କରିବାକୁ ଚାହେଁ ତେବେ ତାହା ଇସଲାମର ସମ୍ମାନ ହାନୀର କାରଣ ହେବ ଏବଂ ଇସଲାମରେ ଏଭଳି ଶିକ୍ଷା ନାହିଁ କି ପ୍ରତ୍ୟେକ ସ୍ଥଳେ ଖଣ୍ଡା ଉଠାଅ । ଅତଏବ ଆବଶ୍ୟକତା ରହିଛି କି ନିଜ ବୁଦ୍ଧି ବିବେକକୁ କାର୍ଯ୍ୟରେ ଆଣି ନିଜକୁ ପବିତ୍ର କରିବା ସହ ଅଲ୍ଲାଃଙ୍କ ଭୟ ରଖି ତାଙ୍କର ସାହାଯ୍ୟ ଭିକ୍ଷା କରି ଉନ୍ନତି କାମନା କରିବା ଉଚିତ୍ । ଅଲ୍ଲାଃଙ୍କର ଏହି ଅଟଳ ନିଷ୍ପତି କଦାପି ମୁସଲମାନମାନେ (ଶତ୍ରୁକୁ) କହି ଶୁଣାଇ ବିଜୟ ପ୍ରାପ୍ତି କରିପାରିବେ ନାହିଁ । ନା ଅଲ୍ଲାଃ ନିଜର ବଡପଣିଆ ବଖାଣୁଥିବା ଲୋକମାନଙ୍କୁ ପସନ୍ଦ କରନ୍ତି । ସେ କେବଳ ପ୍ରକୃତ ଧର୍ମଭୀରୁ ଓ ପବିତ୍ର ଲୋକମାନଙ୍କୁ ପସନ୍ଦ କରନ୍ତି । ଯେପରିକି ସେ କୁହନ୍ତି **ଇନ୍ନଲ୍ ଲାହା ମାଅଲ୍ ଲଜିନତ୍ ତକଓଲ୍ ଲଜିନା ହୁମ ମୁହସିନୁନ**

*ଅବଶିଷ୍ଟାଂଶ ପୃଷ୍ଠା -୭ ରେ .....*

Printed & Published by: Jameel Ahmed Nasir on behalf of Nigran Board of Badar, at Fazle-Umar Printing Press Qadian, Harchowal Road, Qadian
Distt: Gurdaspur-143516, Punjab, India. And published at office of the Weekly Badar Moh-Ahmadiyya, Harchowal Road P.o:Qadian Distt:Gsp-143516, Punjab.India.Editor:Qamrul Haque Khan